






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଅଦିନିଆ ବର୍ଷା : ଚାଷୀଙ୍କ ମୁଣ୍ଡରେ ଚଡ଼କ

## ଗଜା ଆଶଙ୍କା, ଓଦା ଧାନକୁ ବିକ୍ରି କରିବାକୁ ନେଇ ବେପାରୀଙ୍କ ଦ୍ୱାରସ୍ଥ

କେନ୍ଦୁଝର(ପିଏନ) : ଚାଷୀଙ୍କୁ ଚାଷ କ୍ଷେତ୍ରରେ ବିଭିନ୍ନ ବିପତି ଚାଷୀଙ୍କ ଅଂଟାକୁ ଦୋହଲାଇ ଦେଇଥିବାରୁ ଚିନ୍ତିତ ହୋଇପଡ଼ିଛନ୍ତି । ହାଟଡିହି ଅଂଚଳର ମୁଖ୍ୟ ଚାଷ ଧାନ ଚାଷ ଉପରେ ୮୦ ଭାଗ ଲୋକ ନିର୍ଭର କରିଥାନ୍ତି । ସେଥିମଧ୍ୟରୁ ବହୁ ଭାଗଚାଷୀ ରହିଛନ୍ତି । ଭାଗଚାଷୀ ମାନେ ଅଧିକ ପରିଶ୍ରମ ଓ ଖର୍ଚ୍ଚାନ୍ତ ହୋଇ ଚାଷ କରିଥାନ୍ତି । ଧାନ ଅମଳ ହେଲେ ତାକୁ ବିକ୍ରୀ କରି ଋଣ ସୁଝିବାକୁ ଆଶା ରଖିଥାନ୍ତି । କିନ୍ତୁ ଚାଷ ଆରମ୍ଭରେ ତଳି ପକାଇବା ଠାରୁ ଧାନ ଅମଳ ପର୍ଯ୍ୟନ୍ତ ଅତ୍ୟଧିକ ବର୍ଷା ପବନରେ ଚାଷ କ୍ଷେତ୍ରରେ ଅଧିକ ଖର୍ଚ୍ଚାନ୍ତ ହୋଇଛି । ଧାନ ପାଚିବା ସମୟରେ ବର୍ଷା ହେବାରୁ ଗୋରୁ ଧାନର ଅମଳ କମିଥିଲା । କଂଧା ଧାନର ମଧ କ୍ଷତି ହେବା ସହ ଧାନ ଗଛ ବିଲରେ ଶୋଇ ଯାଇଥିଲା । ଏହାକୁ ନେଇ ଚାଷୀ ଚାଷ ଜମିରୁ ପାଣିକୁ କାଟି ବିଲକୁ ଶୁଖାଇ ଧାନ ଗଛକୁ ଗୋଛା ଗୋଛା କରି ବାନ୍ଧି ଠିଆ କରାଇଥିଲା । ଏବେ ମାତ୍ର ଅଣ ଜଳସେଚିତ ଜମି ଗୁଡ଼ିକରେ ୯୦ ଭାଗ ଧାନ ଅମଳ ହୋଇ ବିଲରୁ ଆସିଥିବା ବେଳେ ଜଳସେଚନ ଜମି ଗୁଡ଼ିକ ୭୦ ଭାଗରୁ ଉର୍ଦ୍ଧ୍ୱ ଧାନ ଅମଳ ହୋଇଛି । ଅବଶିଷ୍ଟ ବିଲରେ କଟାନହୋଇ ଅଛି । ମେସିନରେ କଟା ହୋଇଥିବା ଧାନ ମଞ୍ଜି ବିଲରେ ପଲଥିନ ରଖାଯାଇଥିବା ବେଳେ ଆଉ କିଛି ଘରକୁ ଅଣାଯାଇଛି । କିଛି ବସ୍ତା କରି ପକାଇଛି । ଏଭଳି ଗତକାଲି ଏ ଅଂଚଳର ପ୍ରବଳ ବର୍ଷା ହୋଇଛି । ଯେଉଁଥିରେ ବିଲରେ ପାଣି, ଖଳାରେ ପାଣି, ରାସ୍ତାରେ ପାଣି ହୋଇଯାଇଥିବା ବେଳେ ଧାନ ଗଜା ହୋଇଯିବାର ଆଶଙ୍କା ପାଇଛି । ଯାହାଫଳରେ ଧାନ ଗଜା ହୋଇ ଯିବାର ଆଶଙ୍କା ପାଇଛି । ଯାହାଫଳରେ ଚାଷୀ ଓଦା ଧାନକୁ କମ ମୂଲ୍ୟରେ ବେପାରିକୁ ଦେଇ ଶୋଷିତ ହେବେ ବୋଲି ଚାଷି କହୁଛନ୍ତି । ଟୁକନ ବ୍ୟବସ୍ଥାରେ ଚାଷିର କ୍ରମିକ ଅନୁଯାଇ ମଣ୍ଡିରେ ଧାନ ଦେବାକୁ ନିୟମ ଥିବା ବେଳେ ଚାଷୀ ସରକାରୀ ମୂଲ୍ୟରେ ବିକ୍ରୀ କରିବାକୁ ଅସୁବିଧା ସୃଷ୍ଟି ହେଉଛି । ବାଧ୍ୟ ହୋଇ ଓଦା ଧାନକୁ ବେପାରୀଙ୍କୁ ଦେଇ ମୂଳ ପଇସା ଉଠେଇବାକୁ ପ୍ରୟାସ କରୁଛି । ଓଦା ଧାନ ଗଜା ହୋଇଯିବା ଭାବି ତରବରରେ ବେପାରୀଙ୍କୁ ନଦେଲେ ମଣ୍ଡିରେ ଧାନ ଦେଲେ ତାହା ଆଠ ଦଶଦିନ ଅପେକ୍ଷା କରିବାକୁ ପଡୁଥିବାରୁ ଗଜା ହୋଇଯିବାର ଆଶା ଦେଖାଯାଇଛି । ତାଛଡ଼ା ବିଲରେ କଟା ଧାନ ଓ କଟା ହୋଇନଥିବା ଧାନ ବିଲରେ ଶୋଇ ରହିଥିବାରୁ ପାଣି ଜମି ରହିଛି । ଯାହାଫଳରେ ଧାନ ଗଜା ହୋଇଯିବାର ଆଶଙ୍କା ହେଉଛି । ଏହାକୁ ନେଇ ଚାଷୀ ଚିନ୍ତାଗ୍ରସ୍ତ ହୋଇ ଧାନକୁ କିଭଳି ଅମଳ କରି ବିକିବ ତାହା ନେଇ ଚିନ୍ତା ପ୍ରକଟ କରିଛି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଶାସଙ୍ଗ, ବଂଚୋ, ସୋସୋ, ବଡ଼ରମ୍ପାସ, ଇଂଚୋଳ, ଓରାଳି, କଳିଗାଁ, ମରେଇଗାଁ, ହାବଳେଶ୍ୱର, ସମଣା ଆଦି ବହୁ ପଂଚାୟତର ଚାଷୀ ଦାବୀ କରିଛନ୍ତି ।

## ଅନନ୍ୟ ପାଲା ଗାୟକ ଉପେନ୍ଦ୍ର

କେନ୍ଦୁଝର (ପିଏନ.)-ପାଲା କ୍ଷେତ୍ରରେ ପାରଦର୍ଶିତା ଲାଭ କରି ବିଭିନ୍ନ ସ୍ତରରେ ପୁରସ୍କୃତ ଓ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏପରିକି ପାଲାକୁ ନିଜର ଜୀବନ ଭାବେ ବାଛି ନେଇଛନ୍ତି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡଙ୍ଗ ପଂଚାୟତ ନସିରପୁର ଗ୍ରାମର ଉପେନ୍ଦ୍ର ନାଥ ମିଶ୍ର ।ବୟସ ୬୮ ବର୍ଷ କିନ୍ତୁ ପାଲାକୁ ସେ ଭୁଲି ପାରିନଥିଲେ । ଜଣେ ପାଲାଗାୟକ ଭାବେ ସୁପରିଚିତ ପ୍ରାୟ ୭୦ ଜଣ ଗାୟିକା ଓ ଗାୟକଙ୍କୁ ସେ ପାଲା ଶିଖାଇଛନ୍ତି ।ଦୀର୍ଘ ୪୫ ବର୍ଷ ଧରି ପାଲା ଗାଉଥିବା ବେଳେ ବିଭିନ୍ନ ଅନୁଷ୍ଠାନ ସହ ମଧ୍ୟ ସେ ଜଡିତ । ନିଜ ପଂଚାୟତରେ ଏକ ପାଲା ମଂଚ ମଧ୍ୟ ଗଢିଛନ୍ତି । ଏଥିସହ ବିଭିନ୍ନ ଅନୁଷ୍ଠାନ ତରଫରୁ ମାନପତ୍ର ହାସଲ କରିଛନ୍ତି । ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ତରଫରୁ ୨୮.୧୨.୨୦୧୯ ରିଖ ଢେଙ୍କାନାଳ ଠାରେ ଆୟୋଜିତ ସଭାରେ ଉପେନ୍ଦ୍ରଙ୍କୁ କଳାକାର ସଂବର୍ଦ୍ଧନା ମାନପତ୍ର ପ୍ରଦାନ କରାଯାଇଛି । ଦେହରେ ବଳଥିବା ପର୍ଯ୍ୟନ୍ତ ପାଲା ଗାଇବି ଏବଂ ସିଖାଇବି ବୋଲି ଉପେନ୍ଦ୍ର କହିଛନ୍ତି । ସମାଜରେ ସମସ୍ତ ଯୁବତୀ ଯୁବକ ଅନ୍ୟର କଲ୍ୟାଣ ପାଇଁ କର୍ମ କରନ୍ତୁ ଏବଂ ଅପଚିନ୍ତାରୁ ଦୁରେଇ ରୁହନ୍ତୁ ବୋଲି ଉପେନ୍ଦ୍ର ନାଥ ମତ ପ୍ରକାଶ କରିଛନ୍ତି ।

## କେମ୍ପର ବାଇକ ମୁହାଁ ମୁହିଁ ଧକ୍କା ୨ ଆହତ

କେନ୍ଦୁଝର(ପିଏନ) : ଯୋଡା ଥାନା ଅନ୍ତର୍ଗତ କମାରେଯାଡା ତାରିଣୀ ଛକ ନିକଟରେ ଏକ କେମ୍ପର ବାଇକକୁ ମୁହାଁ ମୁହିଁ ଧକ୍କା ଦେଇଥିଲା । ଘଟଣାରୁ ପ୍ରକାଶ ଯେ ଶନିବାର ରାତି ୯ଟା ସମୟରେ କମାରେଯାଡା ରୁ ଯୋଡା ଅଭିମୂଖେ ଯାଉଥିବା ଓଡି୦୯ସି୦୬୧୭ ହିରୋହୁଣ୍ଡା ସିଡି ଡିଲକ୍ସ ବାଇକ କୁ ବିପରୀତ ଦିଗରୁ ଆସୁଥିବା ଓଆର୦୯ଇ୪୪୫୯ କେମ୍ପର ମୁହାଁ ମୁହିଁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ବାଇକ ଆରୋହୀ ଶିବ ପାତ୍ର ଓ ନିତ୍ୟାନନ୍ଦ ଗିରି ଆହତ ହୋଇପଡିଥିବା ବେଳେ କେମ୍ପର ଡ୍ରାଇଭର ଫେରାର ହୋଇଯାଇଥିଲା । । ତୁରନ୍ତ ସେମାନଙ୍କୁ ଯୋଡା ସ୍ଥିତ ଟାଟାଷ୍ଟିଲ ମେଡିକାଲରେ ଭର୍ତୀ କରାଯାଇଥିଲା । ଯୋଡା ପୋଲିସ ଘଟଣା ସ୍ଥଳକୁ ଯାଇ କେମ୍ପଟିକୁ ଜବତ କରିବା ସହ ତଦନ୍ତ ଚଳାଇଛି । ବିଶେଷ ସୂତ୍ରରୁ ପ୍ରକାଶ ଯେ ଏହି କେମ୍ପର ଟି ଚାନ୍ଦ ସରକାର ର ବୋଲି ଜଣାପଡିଛି ।

# ଏସ୍‌ଏଚ୍‌ଜି ମହିଳା ମହାସଂଘର ସ୍ୱଚ୍ଛତା କାର୍ଯ୍ୟକ୍ରମ



କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଶ୍ରୀ ବିଘ୍ନେସନ ସ୍ୱୟଂ ସହାୟୀକା ମହିଳା ମହାସଂଘ ଆନୁକୂଲ୍ୟରେ ନୂତନ ବର୍ଷ ଆଗମନ ୨୦୨୦ ଏବଂ ପୁରାତନ ବର୍ଷ ୨୦୧୯କୁ ସ୍ମୃତିରେ ସାଇତି ରଖିବା ପାଇଁ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ସବୁଜ କରି ଗଢି ତୋଳିବା ପାଇଁ ମହାସଂଘ ତରଫରୁ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମକୁ ବିଘ୍ନେସନ ସହାୟକର ମହିଳା ସଭାପତି ଶ୍ରୀମତୀ ସବିତା ପୂର୍ତି ଏବଂ ସମ୍ପାଦିକା ଶ୍ରୀମତୀ ପାର୍ବତୀ ସଲାଙ୍କିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇ ବାଂଶପାଳ ବ୍ଲକରେ ଏକ ବଡଧରଣର ସଫେଇ କାର୍ଯ୍ୟ କରି ପ୍ରଶଂସା ସାଉଁଟୁଛନ୍ତି । ପ୍ରଥମେ ପବିତ୍ର ବୈତରଣୀ କୂଳ ନିକଟରେ ଥିବା ଶିବ ମନ୍ଦିର ଓ ହନୁମାନ ମନ୍ଦିରର ଆବର୍ଜନାକୁ ସଫା କରିଥିଲେ । ତାପରେ ବ୍ଲକ ଅଫିସ୍, ତହସିଲ ଅଫିସ, ସ୍ୱାସ୍ଥ୍ୟକେନ୍ଦ୍ର, ପଂଚାୟତ ଅଫିସ୍, ବ୍ୟାଙ୍କ୍ ଅଫିସ୍ ପ୍ରଭୃତି ସଫେଇ କରିଥିଲେ । ଏତଦ୍‌ବ୍ୟତୀତ ଅଳିଆ ଆବର୍ଜନା ଚିରା କାଗଜକୁ ନିଧାର୍ଯ୍ୟ ଡଷ୍ଟବିନ୍‌କୁ ପକାଇବା ପାଇଁ ଏବଂ ପଲିଥିନ୍ ବ୍ୟବହାର ନ କରିବା ପାଇଁ ସଚେତନତା କରାଇଥିଲେ ।

## ଏସବିଆଇ ପକ୍ଷରୁ ପିଓଏସ୍‌ରେ ଡେବିଟ୍ କାର୍ଡ ଇଏମ୍‌ଆଇର ଶୁଭାରମ୍ଭ

ଭୁବନେଶ୍ୱର: ଏହି ଉତ୍ସବ ଋତୁରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଓ ସୁଲଭ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ଲାଗି ସର୍ବବୃହତ ଋଣ ପ୍ରଦାନକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏହା ପାଖରେ ଥିବା ଗ୍ରାହକଙ୍କ ପାଇଁ "ଡେବିଟ୍ କାର୍ଡ ଇଏମ୍‌ଆଇ" ସୁବିଧାର ଶୁଭାରମ୍ଭ କରାଯାଇଛି । ଏହି ସେବା ଅଧୀନରେ ଗ୍ରାହକମାନେ ୬ରୁ ୧୮ ମାସ ପର୍ଯ୍ୟନ୍ତର ଇଏମ୍‌ଆଇ ଅବଧି ବିକଳ୍ପ ଚୟନ କରିପାରିବେ । ସେମାନେ ୧୫୦୦ରୁ ଅଧିକ ସହରରେ ଥିବା ୪୦୦୦୦ରୁ ଅଧିକ ମର୍ଚ୍ଚାଂଟ୍ ଏବଂ ଷ୍ଟୋର୍‌ରେ ଥିବା ୪.୫ ଲକ୍ଷରୁ ଅଧିକ ପାଇନ୍ ଲ୍ୟାବ୍ ବ୍ରାଣ୍ଡେଡ୍ ପିଓଏସ୍ ମେସିନ୍‌ରେ ଉତ୍ପାଦ କିଣିପାରିବେ ।

ଏହି ଅବସରରେ ରଜନୀଶ କୁମାର, ଅଧ୍ୟକ୍ଷ, ଏସବିଆଇ, "ଆମେ ଏହି ଉତ୍ପାଦକୁ ଉନ୍ମୋଚନ କରି ବହୁତ ଆନନ୍ଦିତ ଯାହା ସେମାନଙ୍କୁ ଏହି ଉତ୍ସବ ଋତୁରେ ଖୁସିମୟ ସପିଙ୍ଗ ଅନୁଭୂତି ପ୍ରଦାନ କରିବ । ଡେବିଟ୍ କାର୍ଡ ଇଏମଆଇ ଗ୍ରାହକମାନଙ୍କୁ ଏକକାଳୀନ ସବୁ ପେମେଂଟ୍ ନକରି ସେମାନଙ୍କ ଡେବିଟ୍ କାର୍ଡକୁ ବ୍ୟବହାର କରି ସାରା ଭାରତରେ ଥିବା ବିଭିନ୍ନ ମର୍ଚ୍ଚାଂଟ୍ ଷ୍ଟୋର୍‌ରେ ଇଏମ୍‌ଆଇରେ କଂଜ୍ୟୁମର ଡ୍ୟୁରେବଲ୍ ଉତ୍ପାଦ କିଣିପାରିବେ । ଗ୍ରାହକ ସନ୍ତୁଷ୍ଟି ଓ ସୁବିଧା ଲାଗି ଏସବିଆଇର ନିରନ୍ତର ପ୍ରତିବଦ୍ଧତା ସହିତ ଆମେ ବିଶ୍ୱାସ କରୁଛୁ ଯେ ଏହି ନୂଆର ଉନ୍ମୋଚନ ହେଉଛି ଚିନ୍ତାମୁକ୍ତ ଭାବେ ଉତ୍ପାଦ କିଣିବା ଏବଂ କାଗଜବିହୀନ ଋଣ ଦିଗରେ ଏକ ପଦକ୍ଷେପ ।''

ଗ୍ରାହକମାନେ ହାସଲ କରିବାକୁ ଥିବା ପ୍ରମୁଖ ଲାଭଗୁଡ଼ିକ ହେଉଛି କାଗଜପତ୍ର ଦରକାର ପଡ଼ିବନି (ଜିରୋ ଡକ୍ୟୁମେଂଟେସନ), କୌଣସି ପ୍ରୋସେସିଂ ଫି' ନାହିଁ (ଜିରୋ ପ୍ରୋସେସିଂ), ଶାଖା ପରିଦର୍ଶନ କରିବାକୁ ପଡ଼ିବନି, ତତ୍କାଳ ଋର ଆବଂଟନ ଏବଂ କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍ ଉପରେ ଜିରୋ କଷ୍ଟ୍ ଇଏମ୍‌ଆଇ । ସଂଚୟ ଜମା ଖାତାରେ ଯେତେ ବି ବାଲାନ୍ସ ଥାଉ ନା କାହିଁକି ଏହି ସୁବିଧା ଏକ ମିନିଟ୍‌ରୁ କମ୍ ସମୟ ଭିତରେ ମିଳିବ । କାରବାର ହେବାର ଏକ ମାସ ପରେ ଇଏମ୍‌ଆଇ ଆରମ୍ଭ ହେବ ।

# ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଗାଲାକ୍ସି ଏ୨୦ଏସ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ସର୍ବବୃହତ ଉପଭୋକ୍ତା ଇଲେକ୍‌ଟ୍ରୋନିକ୍ସ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଗାଲାକ୍ସି ଏ୨୦ଏସ୍‌ର ଶୁଭାରମ୍ଭ କରାଯାଇଛି । ଗାଲାକ୍ସି ଏ୨୦ଏସ୍ ପରିବର୍ତ୍ତିତ ନୂତନତା ସହିତ ଆସୁଛି ଏବଂ ଏହା ଏକ ନୂତନ ଯୁଗର ସଂଯୋଗତାରେ ଅବିରତ ଭାବେ ଅନୁଭୂତି କ୍ୟାପ୍‌ଚର୍ ଓ ସେୟାର୍ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ନିର୍ମିତ । ଗାଲାକ୍ସି ଏ ପରିବାରରେ ନୂତନ ଭାବେ ସଂଯୋଗ ହୋଇଥିବା ଗାଲାକ୍ସି ଏ୨୦ଏସ୍‌ରେ ଟ୍ରିପିଲ୍ ରିଅର୍ କ୍ୟାମେରା, ୧୫ ୱାଟ୍ ଶୀଘ୍ର ଚାର୍ଜିଂ ଓ ଏକ ଚମତ୍କାର ଡିଜାଇନ୍ ରହିଛି, ଯାହା ନୂତନ ପିଢ଼ିର ଯୁବଗୋଷ୍ଠୀଙ୍କୁ ସ୍ମାର୍ଟଫୋନ୍ ଅନୁଭୂତି ପ୍ରଦାନ କରୁଛି ।

ଆଦିତ୍ୟ ବାବର, ନିର୍ଦ୍ଦେଶକ, ମୋବାଇଲ୍ ବ୍ୟବସାୟ, ସାମସଙ୍ଗ ଇଣ୍ଡିଆ ପ୍ରକାଶ କରିଛନ୍ତି, "ସ୍ମାର୍ଟଫୋନ୍ ବ୍ୟବସାୟରେ ଏକ ଅଗ୍ରଣୀ ବିଶ୍ୱସ୍ତରୀର ଜ୍ଞାନକୌଶଳ ଭାବରେ, ଆମେ ଆମର ସମସ୍ତ ବ୍ୟବହାରକାରୀଙ୍କୁ ଆକର୍ଷଣୀୟ ଅନୁଭୂତି ସହିତ ଷ୍ଟେଟ୍-ଅଫ୍-ଦି-ଆର୍ଟ ଅଭିନବତା ପ୍ରଦାନ କରିବାକୁ ଆମର ପ୍ରଚେଷ୍ଟା ରହିଛି । ଆଗାମୀ ପିଢ଼ିର ଗ୍ରାହକମାନଙ୍କ ସ୍ମାର୍ଟଫୋନ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗାଲାକ୍ସି ଏ୨୦ଏସ୍‌କୁ ତିଆରି କରାଯାଇଛି, ଯେଉଁଥିରେ ରହିଛି ଟ୍ରିପିଲ୍ କ୍ୟାମେରା ଓ ମିରର୍ ଭଳି ଫିନିସ୍ ସହିତ ଚମତ୍କାର ଡିଜାଇନ୍ ।" ଗାଲାକ୍ସି ଏ୨୦ଏସ୍ ଚମତ୍କାର ୬.୫ ଇଞ୍ଚ ଏଚ୍‌ଡି+ ସହିତ ଆସୁଛି, ଯାହା ବ୍ୟବହାରକାରୀଙ୍କୁ ଏକ ଉତ୍ତମ ଡିଜାଇନ୍ ପ୍ରଦାନ କରୁଛି । ଏହା ୪୦୦୦ ମେଗାହର୍ଜର ଶକ୍ତିଶାଳୀ ବ୍ୟାଟେରୀ ଦ୍ୱାରା ପରିଚାଳିତ ହେଉଛି ଏବଂ ଏହାର ୧୫ ୱାଟ ଶୀଘ୍ର ଚାର୍ଜିଂ ଅବାଧ ଚାଳନା ଓ ଗେମିଂ ଅନୁଭୂତି ପ୍ରଦାନ କରୁଛି । ଗାଲାକ୍ସି ଏ୨୦ଏସ୍ ଡଲ୍‌ବି ଆଟ୍‌ମସ୍ ସରାଉଣ୍ଡ ସାଉଣ୍ଡ ଜ୍ଞାନକୌଶଳ ମଧ ପ୍ରଦାନ କରୁଛି । ଗାଲାକ୍ସି ଏ୨୦ଏସ୍‌ର ତିନୋଟି କ୍ୟାମେରା ୧୩ଏମ୍‌ପି ପ୍ରାଇମେରୀ କ୍ୟାମେରା ସହିତ ଏଫ୍୧.୮ ଅପେରଚର୍, ଉଜ୍ଜଳ ଓ ସ୍ୱଷ୍ଟ ସେଲ୍ଫି ପ୍ରଦାନ କରୁଥିବା ୮ ଏମ୍‌ପି ସାମନା କ୍ୟାମେରାକୁ ଯୋଗ କରୁଛି । ଏଥିରେ କ୍ୱାଲକମ୍ ସ୍ନାପଡ୍ରାଗନ ୪୫୦ ଅକ୍ଟା-କୋର୍ ପ୍ରୋସେସର୍ ରହିଛି, ଯାହା ବ୍ୟବହାରକାରୀଙ୍କୁ ଏକାଧିକ ଆପ୍‌କୁ ସହଜରେ ବ୍ୟବହାର କରିବା ନିମନ୍ତେ ଅନୁମତି ପ୍ରଦାନ କରୁଛି । ଗାଲାକ୍ସି ଏ୨୦ଏସ୍‌ର ୩ଜିବି ରାମ+ ୩୨ ଜିବି ଭାରିଆଣ୍ଟର ମୂଲ୍ୟ ମାତ୍ର ୧୧,୯୯୯ ଟଙ୍କା ଏବଂ ୪ଜିବି ରାମ୍+୬୪ ଜିବି ଭାରିଆଣ୍ଟର ମୂଲ୍ୟ ମାତ୍ର ୧୩,୯୯୯ ଟଙ୍କା ରହିଛି । ଗାଲାକ୍ସି ଏ୨୦ଏସ୍ ଅକ୍ଟୋବର ୫, ୨୦୧୯ରୁ ସମ୍ପୂର୍ଣ୍ଣ ଦେଶରେ ଥିବା ସାମସଙ୍ଗ ଇ-ଷ୍ଟୋର୍, ସାମସଙ୍ଗ ଅପେରା ହାଉସ୍, ଅଗ୍ରଣୀ ଇ-କମର୍ସ ପୋର୍ଟାଲ୍ ଓ ରିଟେଲ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି ।

# ଆଶିର୍ବାଦ ଅଟା ଭାରତର ଏକ ନମ୍ବର ପ୍ୟାକେଜ୍ ଅଟା

ଭଦ୍ରକ: ଦେଶର ଏକ ନମ୍ବର ଅଟା ବ୍ରାଣ୍ଡ୍ ଆଶିର୍ବାଦ ଅଟା ଇଟଂରରନେଟ୍ ମଂଚରେ ବିଦ୍ୱେଷପୂର୍ଣ୍ଣ ଭିଡିଓର ଶିକାର ହୋଇଛି ଯେଉଁଥିରେ ଅଭିଯୋଗ କରାଯାଇଛି ଯେ ଅଟା ପ୍ଲାଷ୍ଟିକ୍ ରହିଛି । ଏହି ଭିଡିଓରେ ଦାବି କରାଯାଇଛି ଯେ ଯଦି ଆଶିର୍ବାଦ ଅଟାକୁ ପାଣିରେ ଅନେକ ଥର ଧୁଆଯିବ ତେବେ ତାହା ଗମ୍ ଭଳି ଉପାଦାନରେ ପରିଣତ ହୋଇଯିବ, ଯାହାକୁ ସେମାନେ ପ୍ଲାଷ୍ଟିକ୍ ବୋଲି ଅଭିଯୋଗ କରୁଛନ୍ତି । ଯାହାକୁ ସେମାନେ ପ୍ଲାଷ୍ଟିକ୍ ବୋଲି ଅଭିଯୋଗ କରୁଛନ୍ତି ତାହା ବାସ୍ତବରେ ଏକ ଗହମ ପ୍ରୋଟିନ (ଗ୍ଲୁଟେନ୍ ଭାବେ ପରିଚିତ) ଯାହା ଅଟାକୁ ପରସ୍ପର ସହିତ ବାନ୍ଧି ରଖେ ଏବଂ ପାଣିରେ ଅଟାକୁ ଦଳିବା ବେଳେ ତାହା ନମନିୟତା ପ୍ରଦାନ କରେ । ଆଶିର୍ବାଦ ଅଟାର ବ୍ରାଣ୍ଡ୍ ଭାବମୂର୍ତିକୁ କ୍ଷତି ପହଂଚାଇବା ଏବଂ ଏହି ଅଟାର ବ୍ୟବହାର ଏବଂ ଉପଯୋଗିତାକୁ ନେଇ ଜନ ସାଧାରଣଙ୍କ ମଧ୍ୟରେ ମିଥ୍ୟା ସତର୍କବାଣୀ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବା ଭଳି ମନ୍ଦ ଉଦ୍ଦେଶ୍ୟ ରଖି ଏହି ଭିଡିଓକୁ ପ୍ରସ୍ତୁତ ଏବଂ ପ୍ରସାରଣ କରାଯାଇଛି । ଏପରିକି, ଖାଦ୍ୟ ନିରାପତା ଏବଂ ମାନକ ନିୟମ, ୨୦୦୬ ଅଧୀନରେ ଥିବା ଏଫ୍‌ଏସ୍‌ଏସ୍‌ଏଆଇ ନିୟମାବଳୀରେ ଉଲ୍ଲେଖ ରହିଛି ଯେ ସମସ୍ତ ଅଟାରେ ନିଶ୍ଚିତ ରୂପେ ସର୍ବନିମ୍ନ ୬% ଗହମ ପ୍ରୋଟିନ୍ ରହିବା ଦରକାର । ମୁମ୍ବାଇର ଏକ ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଲାବୋରେଟୋରି ପକ୍ଷରୁ ଆଶିର୍ବାଦ ଅଟା ସମେତ ଅନ୍ୟ ଲୋକପ୍ରିୟ ଅଟା ବ୍ରାଣ୍ଡ୍‌କୁ ନିକଟରେ ପରୀକ୍ଷା କରି ସଂଗ୍ରହ କରାଯାଇଥିବା ଏହି ସମସ୍ତ ଅଟାର ନମୁନାରେ ଗ୍ଲୁଟେନ୍‌ର ମାତ୍ରା ୭ରୁ ୧୨ ପ୍ରତିଶତ ଭିତରେ ଥିବା କୁହାଯାଇଥିଲା । ଲାବୋରେଟୋରି ପକ୍ଷରୁ ଏହା ମଧ୍ୟ ସ୍ୱଷ୍ଟ କରାଯାଇଥିବା ଯେ ଅଟାକୁ ପାଣି ସହିତ ଦଳିବା ବେଳେ ମଣ୍ଡ ଓ ଫାଇବର ବାହାରି ଯାଇଥାଏ ଏବଂ ଯାହା ରହିଯାଇଥାଏ ତାହା ହେଉଛି ଗ୍ଲୁଟେନ୍ ଏବଂ ତାହା ପ୍ଲାଷ୍ଟିକ୍ ନୁହେଁ ।

ଭାରତର ମୂଲ୍ୟବୋଧ ସୃଷ୍ଟି କରିବା, ଧରିବା ଏବଂ ବଜାୟ ରଖିବା ଭଳି ବିଶ୍ୱ ସ୍ତରୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ୍ ସୃଷ୍ଟି କରିବାର ପ୍ରତିଶ୍ରୁତି ଅନୁସାରେ ଓଞ୍ଜଉ ଖଶ୍ୱୟ, ସର୍ବଦା ଗ୍ରାହକଙ୍କ ସ୍ୱାର୍ଥକୁ ସର୍ବାଗ୍ରେ ରଖିଥାଏ । ଯତ୍ନର ସହିତ ୬୫୦୦ ଚୟନ କେନ୍ଦ୍ରରୁ ସଂଗ୍ରହ କରିବା ସହିତ ବର୍ଷକୁ ଦୁଇ ଥର ୪୧୦ରୁ ଅଧିକ ପରୀକ୍ଷା କରିବା, ଆଇଏସ୍‌ଓ ୨୨୦୦୦ ସାର୍ଟିଫିକେସନ୍ ହାସଲ କରିଥିବା କାରଖାନାରେ ପ୍ରସ୍ତୁତ କରିବା ସହିତ ଏବଂ ନିଶ୍ଚିତ କରେ ଯେ ସମସ୍ତ ଓଞ୍ଜଉ ବ୍ରାଣ୍ଡ୍ ଭଳି ଆଶିର୍ବାଦ ଅଟା ମଧ୍ୟ ଉତ୍ପାଦନ ପ୍ରକ୍ରିୟା ଏବଂ ଯୋଗାଣ ଶୃଙ୍ଖଳାରେ ଶୁଦ୍ଧତା, ଗୁଣାତ୍ମକ ମାନ, ନିରାପତା ଏବଂ ସ୍ୱଚ୍ଛତାର ଉଚ୍ଚ ସ୍ତରକୁ ବଜାୟ ରଖିବ ଏବଂ ପାଳନ କରିବ ।

ଏହି ବେଙ୍ଗାଲୁରୁର କୋର୍ଟ ଅଫ୍ ସିଟି ସିଭିଲ୍ ଆଣ୍ଡ ସେସନ୍ ଜଜ୍‌ଙ୍କଠାରେ ମାମଲା ଦାୟର କରାଯାଇଛି ଏବଂ ଭିଡିଓକୁ ନେଇ କଂପାନିର ଭାବମୂର୍ତିରେ ହୋଇଥିବା କ୍ଷତିର ଭରଣା ଦାବି କରାଯାଇଥଲୋକପ୍ରିୟ ବ୍ରାଣ୍ଡ୍ ବିରୋଧରେ କରାଯାଇଥିବା ଭିତିହୀନ ଅଭିଯୋଗକୁ ନେଇ କଂପାନି ପକ୍ଷରୁ ପୂର୍ବରୁ କୋଲକାତାଠାରେ ଖବର ସମୟର ସତ୍ୱାଧୀକାରୀ ଏବଂ ଏହି ଭିଡିଓ ପଛରେ ସଂପୃକ୍ତ ଥିବା ଅଜଣା ବ୍ୟକ୍ତିଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରାଯାଇଥିଲା । ପୁନଶ୍ଚ, କଂପାନି ପକ୍ଷରୁ ଖବର ସମୟ, ଏହାର ସତ୍ୱାଧୀକାରୀ ଶ୍ରୀଯୁକ୍ତ ସଂଜୟ ଶର୍ମା ଏବଂ ଅନ୍ୟମାନଙ୍କ ବିରୋଧରେ ଲା । ଏହି ମାମଲାର ଶୁଣାଣି କରି ୧୬.୧୨.୨୦୧୭ରେ କୋର୍ଟ ଏକ ନିର୍ଦ୍ଦେଶ ଜାରି କରି ପ୍ରତିପକ୍ଷ ଯେଉଁଥିରେ ଗୁଗୁଲ, ୟୁଟ୍ୟୁବ, ଫେସବୁକ୍, ଟ୍ୱିଟର ଆଦି ଇଟଂରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଙ୍କୁ ପ୍ରକାଶନ, ପ୍ରସାରଣ ଓ ଯୋଗାଯୋଗ କରିବା କିମ୍ୱା କୌଣସି ଉପାୟରେ ଏହି ଭିଡିଓ ଉପଲବ୍ଧ ହେବା କିମ୍ୱା ଜନ ସାଧାରଣଙ୍କ ପାଇଁ ଏହି ଭିଡିଓ ଉପଲବ୍ଧ ହେବା ଜାରି ରହିବା ଭଳି କାର୍ଯ୍ୟରୁ ନିବୃତ ରହିବାକୁ କୁହାଯାଇଥିଲା । ଅଦାଲତଙ୍କ ପକ୍ଷରୁ ଇଟଂରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ପ୍ରଦାନକାରୀଙ୍କୁ ସମନ ମଧ୍ୟ ଜାରି କରାଯାଇଛି ।

## ହାୟର ପକ୍ଷରୁ ଚଳିତ ପାର୍ବଣ ଋତୁରେ ଆକର୍ଷଣୀୟ ଅଫରର ସମ୍ଭାର

ଭୁବନେଶ୍ୱର : ଘରୋଇ ଉପକରଣ ଏବଂ ଗ୍ରାହକ ବୈଦ୍ୟୁତିକ ଓ ବିଶ୍ୱର ଅଗ୍ରଣୀ ଉପକରଣଭିତ୍ତିକ କମ୍ପାନୀ ହାୟର ପକ୍ଷରୁ ଚଳିତ ପାର୍ବଣ ଋତୁକୁ ଅଧିକ ଆନନ୍ଦ ଦାୟକ କରିବା ପାଇଁ ଏହାର ବିଭିନ୍ନ ଉତ୍ପାଦ ଉପରେ ଆକର୍ଷଣୀୟ କ୍ୟାସ ବ୍ୟାକ ଅଫର ସହ ଅଧିକ ରିହାତି ଘୋଷଣା କରାଯାଇଛି । ବାଜାଜ ଫିନସର୍ଭ, ଏଚଡିବିଏଫଏସ, ଏଚଡିଏଫସି, ଆଇଡିଏଫସି ଫାଷ୍ଟ, କୋଟାକ ଏବଂ ଆକ୍ସିସ ବ୍ୟାଙ୍କ ସହ ସହବନ୍ଧିତା ଦ୍ୱାରା ବ୍ରାଣ୍ଡ ପକ୍ଷରୁ ବ୍ୟୟସାପେକ୍ଷ ମୂଲ୍ୟରେ ଇଏମଆଇ ସ୍କିମ ପ୍ରସ୍ତୁତ କରାଯାଉଛି । ଗ୍ରାହକଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହାୟର ଏହାର ଟିଭି, ଫ୍ରିଜ, ୱାସିଙ୍ଗ ମେସିନ, ଏୟାର କଣ୍ଡିସନର, ଡିପ ଫ୍ରିଜର, ମାଇକ୍ରୋୱେଭ ଓଭାନ ଉପରେ ଆକର୍ଷଣୀୟ ସ୍କିମ୍ ପ୍ରସ୍ତୁତ କରୁଛି । ଏହି ପାର୍ବଣ ଋତୁର ଅଫର ସାରା ଭାରତରେ ଥିବା ହାୟର ସ୍ୱତନ୍ତ୍ର ଷ୍ଟୋର, ବଛାବଛା ମଲ୍ଟି ବ୍ରାଣ୍ଡ ଷ୍ଟୋର ଏବଂ ଅଗ୍ରଣୀ ଇଲେକଟ୍ରୋନିକ୍ସ ଷ୍ଟୋର ମାନଙ୍କରେ ୩ ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ହେବ ।

ପାର୍ବଣ ଋତୁର ଖୁସି ବଢାଇବା ପାଇଁ କମ୍ପାନୀ ବିଭିନ୍ନ ବ୍ୟାଙ୍କ ସହ ସହବନ୍ଧିତା କରିଛି, ଯାହାଫଳରେ ଗ୍ରାହକଙ୍କୁ ଖୁବ ସହଜରେ ଅଫର ମିଳିପାରିବ । ଭାରତରେ ଗ୍ରାହକଙ୍କୁ ଏସବିଆଇ କ୍ରେଡିଟ କାର୍ଡ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ କ୍ୟାସବ୍ୟାକ, ଏଚଡିବିଏଫଏସ ଏବଂ ଆଇଡିଏଫଏସ ଫାଷ୍ଟ ବ୍ୟାଙ୍କ ସିଡି ଲୋନ ଉପରେ ୧୫ ପ୍ରତିଶତ ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫରର ସୁବିଧା ମିଳିବ । ସେହିଭଳି ବଜାଜ ଫିନସର୍ଭ ଗ୍ରାହକଙ୍କ ପାଇଁ ମଧ ହାୟର, ଟ.୨୦୧୯ର ବ୍ୟୟସାପେକ୍ଷ ମୂଲ୍ୟର ଇଏମଆଇ ମଧ ପ୍ରଦାନ କରୁଛି । ଏହି ଅବସରରେ ହାୟର ଆପଲାଏନ୍ସ ଇଣ୍ଡିଆର ସେଲସ ଏବଂ ମାର୍କେଟିଙ୍ଗ ବିଭାଗର ବିରିଷ୍ଠ ଉପାଧକ୍ଷ, ଶ୍ରୀ ଏନ.ଏସ ସତିଶ କହିଛନ୍ତି ଯେ, "ଏହି ପାର୍ବଣ ଋତୁ ହାୟର ପାଇଁ ବେଶ ମହତ୍ତ୍ୱପୂର୍ଣ୍ଣ ଅଟେ କାରଣ ଏହା ଗ୍ରାହକଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଭିତ୍ତିକ ଉତ୍ପାଦ ଏବଂ ଆକର୍ଷଣୀୟ ଅଫରର ଅନୁଭବ ପ୍ରଦାନ କରିଥାଏ । ଏହି ପାର୍ବଣ ଋତୁ ଦ୍ୱାରା ହାୟର, ଗ୍ରାହକଙ୍କ ନୂତନ ଉତ୍ପାଦ ସହ ତାଙ୍କ ଜୀବନଶୈଳୀ ଏବଂ ଲିଭିଙ୍ଗ ସ୍ପେଶକୁ ଆହୁରୀ ଅଧିକ ସୁନ୍ଦର ବନାଇଥାଏ । ଏହି ଅଫର ଦ୍ୱାରା କମ୍ପାନୀ, ନିଜ ଗ୍ରାହକଙ୍କ ପାଇଁ ପାର୍ବଣ ଋତୁର ଉତ୍ସାହ ବଢାଇବା ଏବଂ ଆତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତ କରି 'ଇନସ୍ପାୟର୍ଡ ଲିଭିଙ୍ଗ'ର ଉଦ୍ଦେଶ୍ୟ ପୂରଣ କରିବ ।"

## ଭାରତର ବୃହତ ମିଡ୍ ମାର୍କେଟ ବୁଟିକ୍ ହୋଟେଲ୍ ବ୍ରାଣ୍ଡ 'ଅୟୋ ଟାଉନ୍‌ହାଉସ୍' ଏବେ ଭୁବନେଶ୍ୱର ଠାରେ ଉପଲବ୍ଧ

ଭୁବନେଶ୍ୱର : ଅୟୋ ହୋଟେଲ୍ସ ଏବଂ ହୋମ୍ସ, ଭାରତର ବୃହତ ଓ ବିଶ୍ୱର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏହି ସଂସ୍ଥା ଆଜି ଭୁବନେଶ୍ୱର ଠାରେ ନିଜର ବ୍ରାଣ୍ଡ ଟାଉନ୍‌ହାଉସ୍ ଉପସ୍ଥାପନ କରିଛି । ଅୟୋ ଟାଉନ୍‌ହାଉସ୍ ଅଟେ ଏକ ବନ୍ଧୁତପୂର୍ଣ୍ଣ ପଡୋଶି ହୋଟେଲ୍ ଯାହା ଗ୍ରାହକଙ୍କୁ ହୋଟେଲ୍, ଘର, ମର୍ଚ୍ଚାନଡାଇଜ୍ ଷ୍ଟୋର ଓ କ୍ୟାଫେ ଏବଂ ବହୁ ଯାତ୍ରୀଙ୍କ ନିମନ୍ତେ ଏକ ବ୍ୟୟସାପକ୍ଷ ନିବାସ ପ୍ରଦାନ କରିଥାଏ । ଭୁବନେଶ୍ୱରର ପ୍ରଥମ ଟାଉନ୍‌ହାଉସ୍ ୫୮୭/୧୧୮୬, ଜୟଦେବ ବିହାର ରୋଡ୍, ବ୍ଲକ୍ ଏନ୍୫, ଆଇଆର୍‌ସି ଭିଲେଜ୍, ଜୟଦେବ ବିହାର ଭୁବନେଶ୍ୱରରେ ୨୩ଟି କୋଠରିରେ ସ୍ଥିପିତ ଅଛି । ବର୍ତ୍ତମାନ ସମୟରେ ଅୟୋ ଟାଉନ୍‌ହାଉସ୍ ଭାରତ, ୟୁକେ ଓ ୟୁଏସ୍‌ରେ ରହିଛି ।

ଏହି ଅବସରରେ ଅୟୋ ହୋଟେଲ୍ସ ଏବଂ ହୋମ୍ସର, ମୁଖ୍ୟ ଅପେରେଟିଙ୍ଗ୍ ଅଫିସର, ଅପରେଟଡ୍ ବିଜ୍‌ନେସ୍, ଶ୍ରୀଯୁକ୍ତ ଅକିତ୍ ଟନ୍‌ଡନ୍ କହିଛନ୍ତି ଯେ, "ଭୁବନେଶ୍ୱରର ଗ୍ରାହକ ମାନଙ୍କୁ ଅୟୋ ଟାଉନ୍‌ହାଉସ୍‌ର ଏକ ନୂତନ ଅନୁଭୁତି ପ୍ରଦାନ କରିଥିବା ଆମେ ବହୁତ ଖୁସି ଅନୁଭବ କରୁଛୁ । ଏହା ଗ୍ରାହକ ମାନଙ୍କର ଏକ ପ୍ରିୟ ବ୍ରାଣ୍ଡ ହେବା ସହ କ୍ରମାଗତ ଭାବେ ୮୨% ରେଟିଙ୍ଗ୍ ପାଇଥାଏ ଯାହା ସଦାବେଳେ ୪ ତାରକା(୫ ତାରକା ମଧ୍ୟରୁ) ଉପରେ ରହିଥାଏ । ଭୁବନେଶ୍ୱର ଏକ ବାଣିଜ୍ୟ ଓ ବେପାର, ପର୍ଯ୍ୟଟକ, ସଂସ୍କୃତିର ସହର ହୋଇଥିବାରୁ ବହୁ ଲୋକ ଏଠାକୁ ଆସିଥାନ୍ତି । ଅୟୋ ଟାଉନ୍‌ହାଉସ୍ ଗ୍ରାହକଙ୍କୁ ଆନନ୍ଦ, ସୁବିଧା, ସମକାଳିକ ସେଟ ଅପ୍ ଏବଂ ପଇସାର ସଠିକ୍ ମୂଲ୍ୟ ପ୍ରଦାନ କରିଥାଏ । ଆମେ ଶ୍ରୀଯୁକ୍ତ ରଶ୍ମିକାନ୍ତ ପଟ୍ଟନାୟକଙ୍କ ଭାଗୀଦାରୀ କରିଥିବାରୁ ବହୁତ ଖୁସି ଅନୁଭବ କରୁଛୁ ଯିଏକି ନିଜ ହୋଟେଲ୍‌କୁ ଟାଉନ୍‌ହାଉସ୍‌ରେ ବଦଳାଇଛନ୍ତି ।"

ଏହି ଅବସରରେ ପ୍ରଥମ ଟାଉନ୍‌ହାଉସ୍‌ର ଆସେଟ୍ ମାଲିକ ଶ୍ରୀଯୁକ୍ତ ରଶ୍ମିକାନ୍ତ ପଟ୍ଟନାୟକ କହିଛନ୍ତି ଯେ, "ମୁଁ ବିଶ୍ୱରେ ଉତ୍ତମ ସେବା ପ୍ରଦାନ କରି ବ୍ରାଣ୍ଡ ଅୟୋ ହୋଟେଲ୍ସ ଏବଂ ହୋମ୍ସ ସହିତ ଜଡ଼ିତ ହୋଇଥିବାରୁ ଏହା ମୋ ପାଇଁ ଏକ ଗୌରବ ପୂର୍ଣ୍ଣ କ୍ଷଣ ଅଟେ । ଏହି ଅୟୋ ଦଳ ମୋର ଏହି ଅଳ୍ପ ବିକାଶିତ ସଂସ୍ଥାକୁ ଏକ ସୁନ୍ଦର ଏବଂ ସୁସଜ୍ଜିତ ସମ୍ପତିରେ ବଦଳାଇ ଥିବାରୁ ମୁଁ ବହୁତ ଖୁସି । ଏହାର ସମସ୍ତ ପରିବର୍ତ୍ତନ ବହୁତ ସୁନ୍ଦର ଏକ ସୁସଜ୍ଜିତ ଯାହା ମୁଁ ମୋ ପରିବାର ଏବଂ ସାଙ୍ଗସାଥିଙ୍କୁ ଦେଖାଇବା ପାଇଁ ଉତ୍ସାହିତ ।"

## ଦୁଇ ଦୁଷ୍କର୍ମକାରୀ ଅଭିଯୁକ୍ତ ଗିରଫ

# ବାଇକ ଦୁର୍ଘଟଣା ପରେ କଥା ପଦାକୁ ଆସିଲା

କେନ୍ଦୁଝର(ପିଏନ)- ଝୁମ୍ପୁରା ଥାନା ଅନ୍ତର୍ଗତ ଖେଣ୍ଡରା ଗ୍ରାମ ପଂଚାୟତ ର ୧୨ବର୍ଷ ର ଜନୈକ ନାବାଳିକା ଷଷ୍ଠ ଶ୍ରେଣୀ ଛାତ୍ରୀ କୁ ଗତ ୩୦/୧୨ରିଖ ରାତ୍ରୀରେ ଗଣବଳାତ୍କାର ର ଶିକାର ହୋଇଥିବା ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ଅଂଚଳରେ ଆଲୋଡନ ସୃଷ୍ଟି ହୋଇଥିବା ବେଳେ, ନାବାଳିକାଙ୍କ ମା'ଙ୍କ ଏତଲା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଝୁମ୍ପୁରା ଥାନାଧିକାରୀ ବିରଚିଂ ବାଗ ବିଭିନ୍ନ ଅଚଂଳରେ ଚଢାଉ କରି ଶନିବାର ରାତ୍ରିରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଝୁମ୍ପୁରା ଥାନା ଅଚଂଳ ନହବେଡା ଗ୍ରାମ ପଚଂାୟତ ରାମଚନ୍ଦ୍ରପୁର ଗ୍ରାମ ଟୁନା ମହାନ୍ତ ଙ୍କ ପୁଅ ଲକ୍ଷ୍ମୀକାନ୍ତ ମହାନ୍ତ ଓରଫ (ଜଗା) ୨୬ବର୍ଷ । ଲକ୍ଷ୍ମୀକାନ୍ତ ଜଜଙ୍ଗା ମାଇନ୍ସ ରେ ଡ୍ରାଇଭର ଭାବେ କାମ କରୁଥିଲା । ସେ ବିବାହିତ ହୋଇଥିବା ବେଳେ ତାର ଏକ ୯ମାସର ଶିଶୁକନ୍ୟା ଅଛି । ଅନ୍ୟ ଅଭିଯୁକ୍ତ ହେଲା ସୁନ୍ଦରଗଡ ଜିଲ୍ଲା ରୁ ଆସି ବାମେବାରୀ ଥାନା ଜଜାଙ୍ଗ ଗ୍ରାମରେ ବସବାସ କରି ରହୁଥିବା ଦୀଲିପ୍ ଟେଟେ ର ପୁଅ ବିବେକ ଟେଟେ ଓରଫ (ବିକି) ୨୦ ବର୍ଷ ବୋଲି ପୁଲିସ୍ ସୂତ୍ରରୁ ପ୍ରକାଶ ।

ସୂଚନା ଅନୁଯାୟୀ- ଖେଣ୍ଡରା ପଂଚାୟତର ଜନୈକ ନାବାଳିକା ଜଣକ ଗରିବ ପରିବାରର ହୋଇଥିବା ବେଳେ, ତାଙ୍କ ବାପା ମାନସିକ ଅନଗ୍ରସର ଅଟନ୍ତି । ବାପା କିଛି କାମ ଧନ୍ଦା କରୁ ନ ଥିବାରୁ ମା'ଙ୍କ ସହିତ ସମ୍ପୃକ୍ତ ନାବାଳିକା ଓ ତାଙ୍କର ୨ଭଉଣୀ ଉପରେ ପରିବାରର ଜୀବନ ଜୀବିକା ନିର୍ଭର କରୁଥିଲା । ବାଡିର ପନିପରିବା ସହିତ ଘରବାରି ରେ ଫଳୁଥିବା ଲେମ୍ବୁ ନେଇ ୩ ଭଉଣୀ ଆଖପାଖ ର ସାପ୍ତାହିକ ହାଟକୁ ଯାଇଥାନ୍ତି । ଉକ୍ତ ତିନି ଭଉଣୀ ହାଟ ସାରି ଘରକୁ ଫେରିବା ସମୟରେ ଅନ୍ଧାର ର ସୁଯୋଗ ନେଇ ଅଧବାଟରୁ ନାବାଳିକା କୁ ଯୋର ଜବରଦସ୍ତ ଟେକି ନେଇ ବାଇକ ଯୋଗେ ନିଛାଟିଆ ଜଙ୍ଗଲରେ ଦୁର୍ଷ୍କର୍ମ କରି ଗାଁ ନିକଟରେ ଛାଡି ଚାଲି ଯାଉଥିଲେ । ଏ ଘଟଣା ଯଦି କାହା ଆଗରେ ପ୍ରକାଶ କରିବୁ ତେବେ ତତେ ଜୀବନରେ ମାରି ଦେବୁ ବୋଲି ଏହି ଦୁଇ ଅଭିଯୁକ୍ତମାନେ ଧମକ ଦେଇ ଏକମାସ ର ଉର୍ଦ୍ଧ ହେବ ସାପ୍ତାହିକ ହାଟରୁ ଉଠାଇ ନେଇ ଯାଇ ଦୁର୍ଷ୍କର୍ମ କରିଚାଲିଥିଲେ । ତେବେ ୩୦/୧୨ରିଖ ସୋମବାର ସନ୍ଧ୍ୟା ସମୟରେ ଅଭିଯୁକ୍ତ ଯୁବକ ଦ୍ୱୟ ନାବାଳିକାକୁ ନେଇଯାଇ ନିଶ୍ଚିନ୍ତପୁର ଗ୍ରାମପଚଂାୟତର ଅଶୁରଖୋଲ ଜଙ୍ଗଲର ନିଛାଟିଆ ସ୍ଥାନରେ ଦୁର୍ଷ୍କର୍ମ କରିଥିଲେ । ସେଦିନ ଯୁବକର ସାଙ୍ଗମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ସୂଚନା ଅନୁଯାୟୀ ଯୁବକମାନେ ଦୁର୍ଷ୍କର୍ମ କରି ନାବାଳିକା କୁ ଗାଁ ମୁଣ୍ଡରେ ଛାଡିବା ପାଇଁ ଫେରିବା ସମୟରେ ବାଇକଟି ଦ୍ରୁତ ଗତିରେ ଥିବାରୁ ଦୂର୍ଘଟଣାର ଶିକାର ହୋଇଥିଲେ । ଫଳରେ ନାବାଳିକା ଆହାତ ହେବା ସଙ୍ଗେ ଗୋଟିଏ ଗୋଡର ଆଣ୍ଠୁ ଚକି ଭାଙ୍ଗି ଯାଇଛି । ସେମାନେ ଭୟଭିତ ହୋଇ ନାବାଳିକା କୁ ଝୁମ୍ପୁରାସ୍ଥିତ ଏକ ଘରେଇ ଡାକ୍ତରଙ୍କ ଠାରୁ ଔଷଧ ନେଇ ରାମଚନ୍ଦ୍ରପୁର ଗ୍ରାମରେ ନେଇ ରାତି କଟାଇ ସକାଳ ଭୋର ୪ଟା ସମୟରେ ନାବାଳିକାର ଘର ପାଖ ଏକ ପୋଲ ଉପରେ ଅସହାୟ ଅବସ୍ଥାରେ ଛାଡି ଦେଇ ପଳାଇଯାଥିଲେ । ୩୧/୧୨ ରିଖ ସକାଳେ ନାବାଳିକା କୁ ଦେଖି ସାହି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ନାବାଳିକାର ଏ ଅବସ୍ଥା ଦେଖି ପୀଡିତାର ମା' ଏବଂ ସାହି ଲୋକଙ୍କ ସହାୟତାରେ କେନ୍ଦୁଝର ଗଡ ମୁଖ୍ୟ ଚିକିତ୍ସାଳୟ କୁ ନେଇ ଭର୍ତି କରାଯାଇଥିଲା । ଘଟଣାଟି ଜଣା ପଡିବା ପରେ ୱାନଷ୍ଟପ ସେଣ୍ଟର ପ୍ରଶାସିକା ଐଶର୍ଯ୍ୟା ଦାସ ୩/୧ରିଖ ପୋଲିସକୁ ଜଣାଇଲେ । ସେହି ୩/୧ରିଖ ପୀଡିତାଙ୍କ ମା' ଥାନାରେ ଏତଲା ଦେଲା । ଝୁମ୍ପୁରା ଥାନା ପୋଲିସ କେଶ ନଂ ୩/୨୦୨୦ ରୁଜୁ କରିଥିବାବେଳେ, ଧାରା ୩୬୩/୫୦୬/୩୭୬ ସହିତ ସେକ୍ସନ ୬ରେ ପୋକ୍‌ସୋ ଆକ୍ଟ ଲଗା ଯାଇ ରବିବାର ଦିନ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିରଚିଂ ବାଗ ସୂଚନା ଦେଇଛନ୍ତି । ତେବେ ଏନେଇ ସ୍ଥାନୀୟ ଅଚଂଳରେ ଦୋଷୀମାନଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଉ ବୋଲି ଦାବୀ ହେଉଅଛି ।




## ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ବିଜୟୀ



କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି ।ଆନନ୍ଦପୁର ବିଧାୟକ ଭାଗିରଥି ସେଠି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳ ପତାକାକୁ ଉତୋଳନ କରିଥିଲେ ।ବ୍ଲକ ଅଧ୍ୟକ୍ଷା ସଂଜୁଲତା ବିଶ୍ୱାଳ ,ଡାକ୍ତର ବିଜୟ ନାରାୟଣ ରଉତ,ଆଂଚଳିକ ଯୁବ ପରିଷଦ ସଭାପତି ଚିନ୍ମୟ ନାୟକ ଓ ଉପଦେଷ୍ଟା ମନୋଜ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ ।ମୁଖ୍ୟ ଅତିଥି ବିଧାୟକ ସେଠୀ ଦୁଇ ଦଳର ଖେଳାଳୀଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥିବାବେଳେ ଯୁବପରିଷଦର କର୍ମକର୍ତାଙ୍କୁ ପ୍ରଶଂସା କରିଥିବା ସହ ଖେଳ ପଡିଆର ଉନ୍ନତି କରଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯିବବୋଲି ଘୋଷଣା କରିଥିଲେ ।ପ୍ରଥମ ଦିନ ମ୍ୟାଚ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ଓ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨୦ ଓଭର ମ୍ୟାଚ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ଇଷ୍ଟ କୋଷ୍ଟ ରେଲୱେ ପ୍ରଥମେ ଟସ୍ ଜିତି ଫିଲ୍ଡିଙ୍ଗ କରିବାକୁ ନିଷ୍ପତି ନେଇଥିଲା । ୟୁନାଇଟେଡ ଇଲେଭେନ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା । ଜବାବରେ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା । ୟୁନାଇଟେଡ ଇଲେଭେନ ର ସନ୍ତୋଷ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର କରାଯାଇଥିଲା । ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟର ଭାବେ ଶାନ୍ତନୁ ରାଉତ ଓ ସଂଜିବ ବେହେରା,ଭାଷ୍ୟକାର ଭାବେ ଗଣେଶ କୁଅଁର ଓ ଜ୍ଞାନରଜଂନ ଘଡେଇ ,ସ୍କୋରର ଭାବେ ଜ୍ୟୋତି ରଂଜନ ଜେନା ଦାୟିତ୍ୱ ତୁଲାଇ ଥିଲେ ।ସଂପାଦକ ଚିତ ରଂଜନ ପାତ୍ର,ଧବଳ ପଟ୍ଟନାୟକ,ପଦ୍ମନାଭ ସାମଲ,ବଳରାମ ଜେନା,ଦେବାଶିଷ ବାରିକ,ପ୍ରଦୀପ ଜେନା,ଅମୀୟ ରଂଜନ ନାୟକ,ବିଜୟ ମଲିକ,ମାନସ ଜେନା,ଭଗବାନ ନାୟକ,ଚାଂଦିଆ ମୁଦୁଲି,ପ୍ରତାପ ଦେବତା,ସୁଧାଂସୁ ମଲିକ,ବିପିନ ଜେନା,ମଂଟୁ ଜେନା,ପ୍ରଫୁଲ ସ୍ୱାଇଁ,ହାଡିବନ୍ଧୁ ଭୂୟାଁ ,ସିତରମ ଜେନା , ପ୍ରମୁଖ ଯୁବପରିଷଦର କର୍ମକର୍ତା ମାନେ ଖେଳ ପରିଚାଳନାରେ ସହ ଯୋଗ କରିଥିଲେ ।

## ୮ରୁ ବଡଚଣା ମହୋତ୍ସବ ୫ ଦିନ ଧରି ଚାଲିବ: ସଜେଇ ହେଉଛି ମହୋତ୍ସବ ପଡିଆ





ନେଉଳପୁର,୫/୧(ପି.ଏନ):ଯାଜପୁର ଜିଲ୍ଲାର ବଡଚଣା ମହୋତ୍ସବ ଚଳିତ ବର୍ଷ ଜାନୁୟାରୀ ୮ ତାରିଖରୁ ଆରମ୍ଭ ହୋଇ ୫ ଦିନ ଚାଲିବା ପରେ ୧୨ ତାରିଖରେ ଉଦଯାପିତ ହେବ। ଏଥିପାଇଁ ପ୍ରସ୍ତୁତି ପର୍ବ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ମହୋତ୍ସବରେ ସ୍ଥାନୀୟ କଳା, ସଂସ୍କୃତି ଓ ଜନଜୀବନର କାହାଣୀ ଅଧିକ ମାତ୍ରାରେ ପ୍ରଦର୍ଶିତ କରିବା ପାଇଁ ନିଷ୍ପତି ହୋଇଥିଲା ବେଳେ ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ମହୋତ୍ସବକୁ ସବୁ ଦିଗରୁ ସରସ ସୁନ୍ଦର କରିବା ପାଇଁ କାମ ଆରମ୍ଭ ହୋଇଛି। ଏହି ମହୋତ୍ସବ ୪ର୍ଥ ବର୍ଷରେ ପହଂଚିଥିବାରୁ ସେଥିପାଇଁ ସ୍ୱତନ୍ତ୍ର ସାଜସଜ୍ଜା ଆରମ୍ଭ ହୋଇଛି। ଏବେ ଠାରୁ ଅପେରା ଓ ବିଭିନନ୍ ପ୍ରକାର ଦୋଳି ମହୋତ୍ସବ ପଡିଆରେ ପହଂଚି ସାରିଲାଣୀ। ଏହା ସାଙ୍ଗକୁ ମହୋତ୍ସବ ପଡିଆରେ ବିଭିନ୍ନ ମନୋହରୀ,ଫାଷ୍ଟଫୁଡ,ବିଭିନ୍ନ କିସମର ହସ୍ତତନ୍ତ ବସ୍ତ୍ର ଓ ବେତ,ବାଉଁଶ,କାଇଁଚରେ ପ୍ରସ୍ତୁତ ହାତ ତିଆରୀ ବିଭିନ୍ନ ଘରୋଇ ଉପକରଣର ଦୋକାନମାନ ଆଜି ଠାରୁ ନିଜନିଜର ସ୍ଥାନ ବାଛିବାରେ ଲାଗିପଡିଛନ୍ତି। ବିଶେଷକରି ସରକାରଙ୍କ ହସ୍ତଶିଳ୍ପ ଓ ବୟନୀକା ତାର ଏକାଧିକ ଷ୍ଟଲ ମହୋତ୍ସବରେ ଖୋଲୁଥିବା ଜଣାପଡିଛି। ଚଳିତ ବର୍ଷ ମହୋତ୍ସବରେ ଅଧିକ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହେବାର ସୂଚନା ମିଳୁଥିବାରୁ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ସଂନ୍ଧ୍ୟାରେ ଆସିଥିବା ଦର୍ଶକ ମାନଙ୍କୁ ମନମୁଗ୍ଧ କରିବା ପାଇଁ ମହୋତ୍ସବ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତ୍ୟାଧୁନିକ ନୃତ୍ୟଗୀତର ଆୟୋଜନ କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟ ବିୟଗରେ ଶୋକସଭା



ନେଉଳପୁର, ୫/୧(ପି.ଏନ.)- ଚଣ୍ଡିଖୋଲର ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର,ପରିବେଶବିତ ଓ ତୃତୀୟପାଦ ଖବର କାଗଜର ସମ୍ପାଦକ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ଏକ ଶୋକସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପ୍ରେସକ୍ଲବର ସମ୍ମିଳନୀ କକ୍ଷରେ ପ୍ରଦୀପ୍ତ କୁମାର ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଅନିରୁଦ୍ଧ ବାବୁଙ୍କର ଜୀବନଶୈଳି ଓ ତ୍ୟାଗପୁତ ନିର୍ଭିକ ସାମ୍ବାଦିକତା ଉପରେ ବର୍ଣ୍ଣନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କ ଦ୍ୱାରା ପ୍ରକାଶ ପାଇ ଆସୁଥିବା ତୃତୀୟପାଦକୁ ପ୍ରେସକ୍ଲବ ପକ୍ଷରୁ ସ୍ୱତନ୍ତ୍ର ଭାବେ ତାଙ୍କ ନାମରେ ପ୍ରକାଶ କରିବା ପାଇଁ ନିଷ୍ପତି ନିଆଯାଇଥିଲା ବେଳେ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା। ଅମର ଆତ୍ମାର ସଦଗତି ପାଇଁ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା ବେଳେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ଶିବରାମ ସାହୁ, ମହେଶ୍ୱର ବଳ, ପ୍ରେସକ୍ଲବ ସମ୍ପାଦକ ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ କୁମାର ଜେନା, ବସନ୍ତ କୁମାର ପଲେଇ, ସମରେନ୍ଦ୍ର ମାହାଲା, ମହେଶ୍ୱର ରାଉତ, ପ୍ରଶାନ୍ତ ଜେନା, ମୋହନ ଖିଲାର, ପ୍ରସନ୍ନ ବିଶ୍ୱାଳ, ବିଶ୍ୱଜିତ ଖିଲାର, ସଞ୍ଜୟ ସ୍ୱାଇଁ, ହେମନ୍ତ ଜେନା,ମନମୋହନ ରାଉତ, ନରେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସାମଗ୍ରୀ ଯୋଗାଇ ଦେଲା ରୋଟାରୀ କ୍ଲବ

ଭୁବନେଶ୍ୱର,(ପିଏନ)- ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ଜଳବାୟୁ, ଋତୁ ପରିବର୍ତନ ତଥା ପରିବେଶ ପ୍ରଦୂଷଣ ଫଳରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନେକ ପ୍ରକାର ରୋଗର ଶିକାର ହୋଇଥାନ୍ତି। ବିଶେଷକରି ବସ୍ତିଗୁଡ଼ିକରେ ଥିବା ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଏଥିରେ ବେଶୀ ସମ୍ମୁଖୀନ ହୋଇଥାନ୍ତି। ଅନେକ ସମୟରେ ପରିବେଶ ପ୍ରଦୂଷଣ ଫଳରେ ଛାତ୍ରଛାତ୍ରୀମାନେ ବିଭିନ୍ନ ରୋଗର ଶିକାର ହୋଇ ପ୍ରାଥମିକ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥାନ୍ତି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସେଂଟିନିଆଲ। ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ କ୍ଲବ ତରଫରୁ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ବିପିନ ବିହାରୀ ଚୌଧୁରୀ ମୁକ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କ୍ଲବର କର୍ମକର୍ତାଙ୍କ ଉପସ୍ଥିତିରେ ପ୍ରାଥମିକ ଚିକିତ୍ସା ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ମହତ୍ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଆଖି, ଚର୍ମ, ଦାନ୍ତ ଆଦି ରୋଗର ବିଭିନ୍ନ କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା କରିବା ସହିତ ଥଣ୍ଡା ଓ କାଶ ଆଦି ରୋଗରୁ ଉପଶମ ପାଇବା ପାଇଁ କ୍ଲବର ସଦସ୍ୟମାନେ ଉଚିତ୍ ପରାମର୍ଶ ଦେଇଥିଲେ। ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସେଂଟିନିଆଲର ସଭାପତି ପ୍ରଭାତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶୁଭକାନ୍ତ ସାମନ୍ତସିଂହାର, ସାକ୍ୟସିଂ ଷଡ଼ଙ୍ଗୀ, ଆଦିତ୍ୟ ମହାନ୍ତି, ଅଶୋକ ବେହେରା, ବି.କେ. ପାଢୀଯୋଶୀ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ବାର୍ତା ବାଂଟିବା ସହିତ ପଲିଥିନ୍ ବସ୍ତୁ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ମ୍ୟାଡ଼ମ କ୍ଲବର ଏତାଦୃଶ କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରିବା ସହିତ ଅନ୍ୟ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଏହିଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଜାରି ରହି ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କ୍ଲବ ତରଫରୁ ନିଷ୍ପତି ନିଆଯାଇଥିଲା।

# ଭଦ୍ରକ : ଜଣିଏ କର୍ମଚାରୀରେ ଚାଲିଛି ଡାକସେବା

ଭଦ୍ରକ, (ପିଏନ)- ଆଜକୁ ପ୍ରାୟ ୬ ମାସ ହେବ ଜଣିଏ କର୍ମଚାରୀ ଡାକସେବା ଯୋଗାଇ ଆସୁଛନ୍ତି। ସେ ପୁଣି ଆଉ କେହି ନୁହଁନ୍ତି ଖୋଦ୍ ପୋଷ୍ଟମାଷ୍ଟର। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଏହି ଜିଲାର ବନ୍ତ ବ୍ଲକ୍ ଆଗରପଡାସ୍ଥିତ ବିଟିପୁର ଉପଡାକଘରେ। ବାରମ୍ବାର ଅଭିଯୋଗ ପରେ ମଧ ବିଭାଗୀୟ ଅଧିକାରୀମାନେ ନାଇରେ ତେଲ ଦେଇ ଶୋଇଛନ୍ତି। ଫଳରେ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଏବେ ଇଣ୍ଟରନେଟ୍ ମାଧମରେ ସବୁ କାର୍ଯ୍ୟ ସଂପାଦନ ହେଉଥିବାରୁ ଏଠାରେ ଗ୍ରାହକମାନେ ଠିକ୍ ଭାବେ ସେବା ପାଉନଥିବାର ଅଭିଯୋଗ କରିଛନ୍ତି। ସ୍ଥାୟୀ ଡାକ ବିତରକ ନଥିବାରୁ ଚିଠିପତ୍ର ସହ ଡାକ ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟ ସଠିକ୍ ସମୟରେ ହୋଇପାରୁନାହିଁ। ଏହି ଉପଡାକଘରଟି ଉପରେ ପ୍ରାୟ ୭ ହଜାର ଗ୍ରାହକ ନିର୍ଭର କରିଆସୁଛନ୍ତି। କିନ୍ତୁ ଗ୍ରାହକମାନେ ଠିକ୍ ଭାବେ ସେବା ପାଇପାରୁନଥିବାରୁ ଦେଶର ସର୍ବବୃହତ୍ତ ଯୋଗାଯୋଗ ବ୍ୟବସ୍ଥା ଭାବେ ପରିଗଣିତ ଡାକ ବିଭାଗ ଉପରୁ ଲୋକଙ୍କର ଆସ୍ଥା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସମଗ୍ର ବନ୍ତ ବ୍ଲକ୍‌ରେ ବନ୍ତ, ବସନ୍ତିଆ ଓ ଆଗରପଡାରେ ଉପଡାକଘର ରହିଛି। କେବଳ ବନ୍ତକୁ ଛାଡିଦେଲେ ଅନ୍ୟ ୨ଟି ଉପଡାକଘର ଭଡାଘରେ ଚାଲିଛି। ବର୍ତ୍ତମାନ ଆଗରପଡା ଉପଡାକଘରେ କୋର ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହୋଇଥିବାବେଳେ ଏହା ଅଧୀନରେ ୮ଟି ଶାଖା ଡାକଘରେ ରହିଛି। ତଥାପି ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଦିନକୁ ଦିନ ଗ୍ରାହକମାନଙ୍କ ଅସନ୍ତୋଷ ଭାବ ବୃଦ୍ଧି ପାଉଛି। ଏହି ଡାକଘରେ କେବଳ ପୋଷ୍ଟମାଷ୍ଟର ସମସ୍ତ କାର୍ଯ୍ୟ ତୁଲାଇଆସୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ବଳାତ୍କାରୀଙ୍କୁ ଫାଶିଦଣ୍ଡ ଦାବିରେ ନୂତନ ଆଇନ୍ ଦାବି ନେଇ ନବନିର୍ମାଣ ଯୁବ ଓ ଛାତ୍ରର ବିକ୍ଷୋଭ

ଭୁବନେଶ୍ୱର, (ପିଏନ)- ଦିଲ୍ଲୀର ନିର୍ଭୟା ବଳାତ୍କାର ଘଟଣା ଠାରୁ ଆରମ୍ଭ କରି ହାଇଦ୍ରାବାଦ ଡ଼ାକ୍ତର ପ୍ରିୟଙ୍କା ରେଡିଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପର୍ଯ୍ୟନ୍ତ ସବୁଠି ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବେବୋଲି କହୁଛନ୍ତି। ହେଲେ ଏହା ପରେ ମଧ ସାରା ଦେଶରେ ମହିଳାମାନେ ପୁଣି ବିରଳ ଓ ଜଘନ୍ୟ ହିଂସାର ଶିକାର ହେଉଛନ୍ତି। ମହିଳାମାନେ ଏଭଳି ଘଟଣାରେ ନିର୍ଯାତିତ ହେଉଥିବାବେଳେ କୁରୁସଭାରେ ଦ୍ରୌପଦୀ ବିବସନା ହେଉଥିବା ବେଳେ ଭୀଷ୍ମ, ଦ୍ରୋଣ ଯେପରି ପ୍ରତିବାଦଶୂନ୍ୟ ହୋଇ ମୌନ ବସିଥିଲେ, ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସେପରି ମୌନ ରହୁଛନ୍ତି। ସେପରି ବଳାତ୍କାର ଘଟଣାରେ ସାରା ସଭ୍ୟ ସମାଜ ଓ ଦେଶ ଏହି ଦୁଷ୍କର୍ମ ଘଟଣାରେ ଲଜ୍ଜା ଅନୁଭବ କରୁଥିବାବେଳେ ନେତାମାନେ ସମ୍ବେଦନଶୀଳ ନହୋଇ ଗତାନୁଗତିକ ବିବୃତି ଦେଉଛନ୍ତି। ପୁରୀ ଦୁଷ୍କର୍ମ ଘଟଣାରେ ଭୁବନେଶ୍ୱରରେ ଆୟୋଜିତ ଯୁବ ଛାତ୍ର ସଂଗଠନର ବିକ୍ଷୋଭକାରୀଙ୍କୁ ଉଦବୋଧନ ଦେଇ ସଂଗଠନର ଅନ୍ୟତମ ପ୍ରତିଷ୍ଠାତା ଶେଷଦେବ ନନ୍ଦ ଏହା କହିଛନ୍ତି। ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରି କହିଲେ ଯେ, ଯେଉଁ ସରକାର ଗାନ୍ଧିଜୀଙ୍କ ସ୍ୱପ୍ନକୁ ପଦ ଦଳିତ କରି ମଦର ପ୍ରଚାର ଓ ପ୍ରସାର କରୁଛନ୍ତି, ସେଭଳି ସରକାର ଠାରୁ ଆମେ ଅଧିକ ନ୍ୟାୟ ଆଶା କରପାରୁନାହୁଁ। ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରିବା ପାଇଁ ଟ୍ରାଫିକ୍ ନିୟମ କଡ଼ାକଡ଼ି କରି ଆକାଶଛୁଆଁ ଜୋରିମାନା ଲାଗୁ କରୁଥିବା ସରକାର ବଳାତ୍କାରୀଙ୍କୁ ତତ୍କାଳ ମୃତ୍ୟୁଦଣ୍ଡ ଦେବାକୁ ଆଇନ୍ ଆଣିବା ପାଇଁ କାହିଁକି ପଛଘୁଂଚା ଦେଉଛନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ ଲାଗୁଛି। ମହିଳାଙ୍କ ବିରୁଦ୍ଧରେ ଜଘନ୍ୟ ଓ ବିରଳ ହିଂସା ଭିଆଉଥିବା ଜହ୍ଲାଦମାନଙ୍କୁ ତୁରନ୍ତ ଫାଶି ପାଇଁ ହେଉଥିବା ଆନ୍ଦୋଳନ ଆଗକୁ ଆହୁରି ତେଜିବ। କୃଷକ ସଂଗଠନ ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ଦୁର୍ଗାପ୍ରସାଦ ଦାସ, ମହିଳାନେତ୍ରୀ ମଧୁମିତା ସାମଲ, ମମତା ନାଥ ପ୍ରମୁଖ ବକ୍ତବ୍ୟ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପାଇଁ ଯେପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ଆଇନ୍ ନଆଣିଛନ୍ତି ଏହି ଆନ୍ଦୋଳନ ମୁଖର ରହିବ ବୋଲି କହିଥିଲେ। ସାରା ଦେଶ ଏବେ ମହିଳାଙ୍କ ସୁରକ୍ଷା ପାଇଁ ଗୋଟିଏ ସୂତ୍ରରେ ଏକାଠି ହେଉଥିବାରୁ ତୁରନ୍ତ ସରକାର ଏ ନେଇ ନୂତନ ଆଇନ୍ ପ୍ରଣୟନ କରନ୍ତୁ। ଗାନ୍ଧିଜୀଙ୍କ ସ୍ୱପ୍ନ ନିଶାର୍ଦ୍ଧରେ ଜଣେ ଯୁବତୀ ଏକାକିନୀ ରାସ୍ତାରେ ଯାଇପାରିଲେ ତାହା ହିଁ ହେବ ମୋ ସ୍ୱପ୍ନର ସ୍ୱାଧୀନତା ବୋଲି ସେ ସ୍ୱପ୍ନ ଆଜି ସୁଦୂର ପରାହତ ହୋଇଛି ବୋଲି ଛାତ୍ରନେତାମାନେ କହିଥିଲେ। ଆଜିର ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଯୁବଛାତ୍ର ସଂଗଠନର ରାଜ୍ୟ ସହ ସଂଯୋଜକ ସାଇ ପ୍ରସାଦ ପଲ୍ଲାଇ, ରଞ୍ଜୀନ ନାୟକ, ସୋନାଲି ମିଶ୍ର, ନାରୀନେତ୍ରୀ ମୀନା ସାହୁ, କୁନି ମହାପାତ୍ର, ଶେଖ୍ ତସୱର, ରିତେଶ ଦାସ, ଅଶ୍ୱିନୀ ଜେନା, ବିପ୍ଲବ କୁମାର ପ୍ରଧାନ, ବବୁଲ ନାୟକ, ଅମରଜିତ୍ ସ୍ୱାଇଁ, ଚିଂଟୁ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ପୁରୀ ଘଟଣାରେ ଦୁଷ୍କର୍ମକାରୀଙ୍କୁ କଠିନ ଦଣ୍ଡ ଦିଆଯାଉ

ଭୁବନେଶ୍ୱର, (ପିଏନ)- ପୁରୀ ଲଜ୍ଜା ଘଟଣାରେ ଦୁଷ୍କର୍ମକାରୀଙ୍କୁ ଦୃଷ୍ଟାନ୍ତମୂଳକ କଠିନ ଦଣ୍ଡ ଦେବାକୁ ଆମେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ତରଫରୁ ଦାବି କରୁଛୁ। ଦେଶର ବିଭିନ୍ନ ଅଞ୍ଚଳରେ ଓ ଓଡ଼ିଶାରେ ମହିଳାମାନଙ୍କ ପ୍ରତି ଧର୍ଷଣ ଓ ହତ୍ୟା ବଢ଼ି ବଢି ଚାଲିଛି। ଏଭଳି କଳଙ୍କିତ ଲୋମହର୍ଷଣକାରୀ ଘଟଣାକୁ ବନ୍ଦ କରିବାକୁ ସରକାର ଓ ସମାଜର ଗୁରୁଦାୟିତ୍ୱ ଅଛି। ଦୁଷ୍କର୍ମ ହତ୍ୟା ସହ ନିଶାର ସମ୍ପର୍କ ଥିବାରୁ ନିଶା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଧ ଆମେ ଦାବି କରୁଛୁ। ମହିଳାମାନଙ୍କ ପ୍ରତି ସାମନ୍ତବାଦୀ ଦୃଷ୍ଟିଭଙ୍ଗୀର ପରିବର୍ତନ ପାଇଁ ସରକାର ପଦକ୍ଷେପ ନେବା ଦରକାର। କେବଳ କଥାରେ ନୁହେଁ, ପୋଲିସ୍ ଏଭଳି ସ୍ପର୍ଶକାତର ଘଟଣାରେ ତୁରନ୍ତ ପଦକ୍ଷେପ ନେଲେ ଅନେକ ନିର୍ଯ୍ୟାତିତାଙ୍କ ଜୀବନ ରକ୍ଷା ହେବାସହ ଦୋଷୀକୁ ଦଣ୍ଡ ମିଳିପାରନ୍ତା । ବିଳମ୍ବିତ ବିଚାର, ପୋଲିସ୍‌ର ନିଷ୍କ୍ରିୟତା ଓ ଶାସନ କଳର ପ୍ରଚାର ସର୍ବସ୍ୱ ଖାମ୍‌ଖିଆଲି ମନୋଭାବ ଯୋଗୁଁ ସମାଜରେ ଏଭଳି କୁକର୍ମ ବଢିଚାଲିଛି। ପିଡୀତାଙ୍କୁ ନିରାପତା ଓ ଉପଯୁକ୍ତ କ୍ଷତିପୂରଣ ଦେବା ସଙ୍ଗେ ସଙ୍ଗେ ଦୁଷ୍କର୍ମକାରୀଙ୍କୁ ଅବିଳମ୍ବେ କଠିନ ଦଣ୍ଡ ଦେବାକୁ ଆମେ ସରକାରଙ୍କ ପାଖରେ ଦାବି କରୁଛୁ।

# ବାଲେଶ୍ୱର-ଚାନ୍ଦିପୁର ରାସ୍ତା ବିପଦ ସଙ୍କୁଳ

ବାଲେଶ୍ୱର,(ପିଏନ): ବିଶ୍ୱର ବିରଳ ବାଲୁକା ରାଶି ଓ ସ୍ଥିର ସମୁଦ୍ର ଦେଖିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କୁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନସ୍ଥ ରାସ୍ତା ହତାସ କରିଛି । ବାଲେଶ୍ୱର ଷ୍ଟେସନ ଛକ ଓଟି ରୋଡରୁ ଚାନ୍ଦିପୁର ବଳରାମଗଡି ଅଭିମୁଖେ ଯାଇଥିବା ରାସ୍ତା ଏବେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ହାତରେ ରହିଛି । ଖୋଦ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟ ଦେଇ ଯାଇଥିବା ରାସ୍ତାରେ ଏତେ ଖାଲକମା ସୃଷ୍ଟି ହୋଇଛି ଯେ ଯାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ । ପ୍ରତ୍ୟହ ବଳରାମଗଡିରୁ ଶହ ଶହ ଲୁଣି ମାଛ ବୁହା ଗାଡି ଯାତାୟତ କରିବା ଫଳରେ ରାସ୍ତାରେ ଲୁଣି ଜଳ ପଡି ରାସ୍ତାକୁ କ୍ଷତି ଘଟାଉଥିବା ବେଳେ ପ୍ରତିରକ୍ଷା ବିଭାଗର ଆଇଟିଆର ଓ ପ୍ରୁଫ୍ ମଧକୁ ଯାଉଥିବା ଭାରି ଯାନ ମଧ ରାସ୍ତାର କ୍ଷିତ ଘଟାଉଥିବାର ଅନ୍ୟତମ କାରଣ । ତାହା ଛଡା ଏହି ରାସ୍ତାରେ ପ୍ରତିବର୍ଷ ଯେଉଁ ଠିକାଦାରମାନଙ୍କ ଦ୍ୱାରା କାମ ହେଉଛି ତାହା ଅତି ନିମ୍ନମାନର । ବିଶେଷ କରି ଷ୍ଟେସନ ଛକଠାରୁ ସୁନହଟ୍ ମଧରେ ଥିବା ରାସ୍ତାର କିଛି ଅଂଶ କଂକ୍ରିଟ୍ ଥିବା ବେଳେ କିଛି ଅଂଶ ପିଚୁ ହୋଇଛି । ସେହିପରି ସୁନହଟ୍‌ଠାରୁ ଆଇଟିଆର ଛକ ଓ ବଳରାମଗଡି ରାସ୍ତା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତାରେ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାଛଡା ଆଇଟିଆର ଓ ପ୍ରୁଫ୍ ଛକରୁ ବଳରାମଡି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଦୁଇ ପାର୍ଶ୍ୱରେ ମାଛ ଓ ଚିଙ୍ଗୁଡି ପୋଖରୀ ହେବା ଫଳରେ ଅଧିକାଂଶ ସ୍ଥାନରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି ଓ ରାସ୍ତା ମଧ ଦବି ଯାଇଛି । ଏଭଳି ପରିସ୍ଥିତ ଲାଗି ରହିଲେ ପର୍ଯ୍ୟଟନ କ୍ଷେତ୍ର ଚାନ୍ଦିପୁରକୁ ଆସୁଥିବା ଲୋକେ ନାନା ଦୁର୍ଘଟଣାର ସମ୍ମୁଖୀନ ହେବେ । ମାତ୍ର ୧୫ କିମି ରାସ୍ତା ପାଇଁ କାଚ ଓ ଟେମ୍ପୁ ଚାଳକ ରାସ୍ତା ଖରାପର ଆଳ ଦେଖାଇ ନିର୍ଦ୍ଧାରିତ ଭଡାଠାରୁ ଦୁଇଗୁଣା ଦାବି କରୁଛନ୍ତି । ଖାଲି ଏତିକି ନୁହେଁ ଚାନ୍ଦିପୁର ପାନ୍ଥନିବାସ ପୂର୍ବରୁ କିଛି ଅସାମାଜିକ ଯୁବକ ଗାଡି ପାର୍କିଂ ନାମରେ ଜିଜିଆ କର ଆଦାୟ କରୁଛନ୍ତି । ଏ ବାବଦରେ ଜିଲ୍ଲା ରାଜସ୍ୱ ଓ ପୁଲିସ ପ୍ରଶାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ । ଏଥିନେଇ ସ୍ଥାନୀୟ ଯୁବକ ଓ ପର୍ଯ୍ୟଟକ ମଧରେ ବହୁବାର ଝଗଡା ଲାଗୁଥିବାର ଦେଖିବାକୁ ମିଳୁଛି । ଏହାର ନିରାକରଣ ପାଇଁ ଆଶୁ ବ୍ୟବସ୍ଥା ସହ ରାସ୍ତାର ଉନ୍ନତୀକରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଏସିଆ ଶିଶୁ ସମ୍ମେଳନରେ ଭାଗନେଲେ ଦୁଇ ଓଡ଼ିଆ ଝିଅ

ଭୁବନେଶ୍ୱର, (ପିଏନ୍)-ଜାତିସଂଘର ଶିଶୁ ଅଧିକାର ଘୋଷଣାନାମାର ୩୦ବର୍ଷ ପୂର୍ତି ଉପଲକ୍ଷେ ୨୦୧୯ ମସିହାରେ ସାରା ବିଶ୍ୱ ପାଳନ କରୁଛି ସିଆରସି ୩୦। ଏହି ଅବସରରେ ବ୍ୟାଙ୍କକ୍ ଠାରେ ନଭେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏସିଆ ଶିଶୁ ସମ୍ମେଳନ ୨୦୧୯। ସାଇଭାକ୍ ଆଂଚଳିକ ସଚିବାଳୟ(ଏସଆରଏସ), ପିଆରସି ଏସିଆ, ଏସିଡବ୍ଲ୍ୟୁସି ଥାଇଲାଣ୍ଡ ମିଳିତ ସହଯୋଗରେ ଏହି ସମ୍ମେଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ଟି ଦେଶର ଶିଶୁ ପ୍ରତିନିଧିମାନେ ଭାଗ ନେଇଥିଲେ। ଏଥିରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଓଡ଼ିଶାର ପ୍ରୀତିମୟୀ ସାହୁ, ମିଲୋନୀ ମିଶ୍ର ଏବଂ ପଶ୍ଚିମବଙ୍ଗର ପ୍ରଥିଚ୍ ସିଂ ଓ ସ୍ୱାଶା ଅଗ୍ରୱାଲା। ଏହି ପ୍ରତିନିଧିମାନେ ନ୍ୟାସନାଲ ଆକ୍ସନ ଆଣ୍ଡ କୋଡିନେସ ଗ୍ରୁପ୍ ଫର ଏଣ୍ଡିଙ୍ଗ ଭାଇଓଲେନ୍ସ ଏଗେନଷ୍ଟ ଚିଲଡ୍ରେନ(ଏନଏସିଜି ଇରାକ), ଭାରତ ଦ୍ୱାରା ମନୋନୀତ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମିଲୋନୀ ପିକକ୍ ସହାୟତାରେ ଗଠିତ ରାଜ୍ୟସ୍ତରୀୟ ଶିଶୁ ମହାସଭାର ସଦସ୍ୟା ଅଟନ୍ତି ଓ ପ୍ରୀତିମୟୀ ଓ.ଏଲ.ଏସ. ସହାୟତାରେ ଗଠିତ ଶିଶୁ ସଂଗଠନର ଏକ ସକ୍ରିୟ ସଦସ୍ୟା ଏହି ସମ୍ମେଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କର ବାର୍ତାକୁ ବିଶ୍ୱ ଦରବାରରେ ପହଂଚାଇବା।

# ଧାନ ସଂଗ୍ରହ ବାବଦରେ ୧୩୦୦ରୁ ଅଧିକ ଚାଷୀଙ୍କ ସହ କଲସେଂଟର ଜରିଆରେ କଥାବାର୍ତା

ଭୁବନେଶ୍ୱର,(ପିଏନ)- ଚଳିତ ଖରିଫ୍ ଋତୁ ୨୦୧୯-୨୦ରେ ଧାନ ସଂଗ୍ରହ କାର୍ଯ୍ୟ ନଭେମ୍ବର ମାସରୁ ଆରମ୍ଭ ହୋଇଛି । ନଭେମ୍ବର ୩୦ତାରିଖରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟସ୍ଥିତ କଲସେଂଟରରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚାଷୀମାନଙ୍କ ସହ ଫୋନ ଯୋଗେ ଧାନ ସଂଗ୍ରହ କାର୍ଯ୍ୟ ସମ୍ପର୍କରେ ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ମାଲକାନଗିରିର ୨୦ଜଣ ଚାଷୀଙ୍କ ସହିତ କଥା ହୋଇଥିଲେ । ସେହିପରି ଡିସେମ୍ବର ୧ ତାରିଖରେ କଲସେଂଟର ଜରିଆରେ ବରଗଡ଼, କଳାହାଣ୍ଡି, ସୁବର୍ଣ୍ଣପୁର ଓ ସମ୍ବଲପୁରର ୪୧୫ ଜଣ ଚାଷୀଙ୍କୁ ସେମାନଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରରେ ଯୋଗେ ଧାନ ସଂଗ୍ରହ କାର୍ଯ୍ୟ ଓ ବିକ୍ରି ଅର୍ଥ ବ୍ୟାଙ୍କ ଆକାଉଂଟରେ ପ୍ରଦାନ ଏବଂ ଆଗୁଆ ଟୋକେନ୍ ପାଇବା ସମ୍ପର୍କରେ ଅଧିକାରୀମାନେ ପଚାରି ବୁଝିଥିଲେ । ସେମାନଙ୍କ ମଧ୍ୟରୁ ୪୦୮ ଜଣ ଚାଷୀ ଆଗୁଆ ଟୋକେନ୍ ପାଇଥିବା ଓ ୩୫୮ ଜଣ ସେହିଦିନ ସନ୍ଧ୍ୟା ସୁଦ୍ଧା ବ୍ୟାଙ୍କ ଆକାଉଂଟ ଜରିଆରେ ଅର୍ଥ ପାଇଥିବା ଏବଂ ୩୮୦ ଜଣ ଧାନ ସଂଗ୍ରହ କେନ୍ଦ୍ରର କାର୍ଯ୍ୟଧାରା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ ।
ଡିସେମ୍ବର ୨ ତାରିଖରେ ବରଗଡ଼, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାର ୭୦୫ ଜଣ ଚାଷୀଙ୍କ ସହ ଫୋନ୍ ଯୋଗେ ଧାନ ସଂଗ୍ରହ ସମ୍ପର୍କରେ କଥା ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬୫୫ ଜଣ ସେହିଦିନ ସନ୍ଧ୍ୟା ସୁଦ୍ଧା ଧାନ ବିକ୍ରି ଅର୍ଥ ପାଇଥିବା କଥା ଫୋନଯୋଗେ କହିଥିବା ବେଳେ ୬୯୨ ଜଣ ଆଗୁଆ ଟୋକେନ୍ ପାଇଥିବା ,ବଂ ୬୭୬ ଜଣ ଧାନ ସଂଗ୍ରହ କେନ୍ଦ୍ରରେ ସୁବିଧାରେ ଧାନ ବିକିଥିବା କଥା କହିଥିଲେ । ଡିସେମ୍ବର ୩ ତାରିଖରେ ବରଗଡ଼, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ମାଲକାନଗିରି ଜିଲ୍ଲାର ୨୬୭ ଜଣ ଚାଷୀ ଫୋନ ମାଧମରେ କଥା ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨୨୯ ଜଣ ସେହିଦିନ ସନ୍ଧ୍ୟା ସୁଦ୍ଧା ବ୍ୟାଙ୍କ ଆକାଉଂଟ ଯୋଗେ ଅର୍ଥ ପ୍ରାପ୍ତ ହୋଇଥିବା କଥା ଜଣାଇଥିବା ବେଳେ ୨୬୬ ଜଣ ଆଗୁଆ ଟୋକେନ୍ ପାଇଥିବା ଏବଂ ୨୫୦ ଜଣଧାନ ସଂଗ୍ରହ ବାବଦରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ । ଧାନ ସଂଗ୍ରହ କାର୍ଯ୍ୟ ଓ ବିକ୍ରି ଅର୍ଥ ବ୍ୟାଙ୍କ ଆକାଉଂଟରେ ପ୍ରଦାନ ଏବଂ ଆଗୁଆ ଟୋକେନ୍ ବାବଦରେ ଚାଷୀମାନଙ୍କଠାରୁ ମିଳୁଥିବା ମତାମତ ଅନୁସାରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।



ଖେଳ

ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Monday January 06 | ଭୁବନେଶ୍ୱର | ସୋମବାର, ଜାନୁଆରୀ ୦୬ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ହିରୋ ମୋଟୋସ୍ପୋର୍ଟସ୍ ଟିମ୍ ର୍ୟାଲି ପକ୍ଷରୁ ଡକାର-୨୦୨୦ ପାଇଁ ପ୍ରସ୍ତୁତି ଆରମ୍ଭ



ଭୁବନେଶ୍ୱର :ବିଶ୍ୱର ବୃହତ୍ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ହିରୋ ମୋଟାସ୍ପୋର୍ଟସ୍ ଟିମ୍ ର୍ୟାଲିପକ୍ଷରୁ ଡକାର୍-୨୦୨୦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲଗାତାର ୪ର୍ଥ ଥର ପାଇଁ ହିରୋ ମୋଟୋସ୍ପୋର୍ଟସ ଡକାର ର୍ୟାଲିରେ ଯୋଗଦେବା ଲାଗି ପ୍ରସ୍ତୁତି ଜାରି ରହିଛି ।ହିରୋ ମୋଟୋସ୍ପୋର୍ଟସ ଟିମ୍ ସାଉଦି ଆରବର ଜେଦାରେ ପହଂଚି ସାରିଛନ୍ତି। ଜେଦା ଡକାର-୨୦୨୦ର ପ୍ରାରମ୍ଭିକ ପଏଂଟ୍। ୨୦୨୦ ଜାନୁୟାରୀ ୫ ତାରିଖଠାରୁ ଡକାର ର୍ୟାଲିର ୪୨ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ୧୨ଟି ପ୍ରର୍ଯ୍ୟାୟ ରହିଛି। ଏହା ରିଆଦ୍ ନିକଟସ୍ଥ କ୍ୱାଦିୟାଠାରେ ଶେଷ ହେବ। ଏହି ର୍ୟାଲିର ୭,୯୦୦କିମି ମଧ୍ୟରୁ ୫,୦୦୦କିମି ଅତି ଗୁରୁତ୍ୱପୂର୍ଣ୍ଣ। ର୍ୟାଲିର ଫ୍ଲାଗ୍ ଅଫ୍ ୨୦୨୦ ଜାନୁୟାରୀ ୪ ତାରିଖରେ କରାଯିବ।୨୦୧୯ରେ ଟିମ୍ ପାନ୍ ଆଫ୍ରିକା ର୍ୟାଲି ବିଜେତା ଜ୍ୟାକ୍ୱିମ୍ ରୋଡ୍ରିଗ୍ୱିସ, ସି.ଏସ୍. ସନ୍ତୋଷ, ପାଉଲୋ ଗୋନ୍‌କ୍ଲେଭସ୍ ଏବଂ ସେବାଷ୍ଟିଆନ୍ ଭୁଲେରଙ୍କ ନେତୃତ୍ୱରେ ଡକାର-୨୦୨୦ରେ ଯୋଗଦେବା ପାଇଁ ପ୍ରସ୍ତୁତି ଶେଷ କରିଛି ।ଜର୍ମାନ୍‌ର ସେବାଷ୍ଟିଆନ୍ ଭୁଲେର ଓରିଏଲ୍ ମିନାଙ୍କ ସ୍ଥାନରେ ଯୋଗଦେଇଛନ୍ତି। ଓରିଏଲ୍ ମିନା ଡକାର-୨୦୧୮ ଏବଂ ୨୦୧୯ରେ ଯୋଗଦେଇଥିବାବେଳେ ଆଘାତ କାରଣରୁ ଡକାର-୨୦୨୦ରେ ଯୋଗଦେଇପାରୁ ନାହାଁନ୍ତି। ଏହି ଅବସରରେ ହିରୋ ମୋଟୋସ୍ପୋର୍ଟସ୍ ଟିମ୍ ର୍ୟାଲି ଟିମ୍ ମ୍ୟାନେଜର ୱଲଫଙ୍ଗ୍ ଫିସର୍ କହିଲେ, ଗତ ୪ ବର୍ଷ ଧରି ହିରୋ ମୋଟସ୍ପୋର୍ଟସ ଟିମ୍ ର୍ୟାଲି ଡକାରରେ ଅଂଶଗ୍ରହଣ କରୁଛି। ଚଳିତ ର୍ୟାଲିରେ ଓରିଏଲ୍ ମିନା ଆଘାତ କାରଣରୁ ଯୋଗଦେଇପାରୁ ନାହାଁନ୍ତି। ତାଙ୍କ ସ୍ଥାନରେ ସେବାଷ୍ଟିଆନ୍ ଭୁଲେର ଯୋଗଦେଇଛନ୍ତି। ଚଳିତ ବର୍ଷ ଆମ ପାଖରେ ପାଉଲ୍ ମଧ୍ୟ ଅଛନ୍ତି। ଆମେ ଆମ୍ଭର ପ୍ରଦର୍ଶନ ବେଶ୍ ଭଲ ହେବାର ସମ୍ଭାବନା ରହିଛି। ସମସ୍ତ ଟିମ୍ ସଦସ୍ୟ ବାଇକ୍ ,ସ୍ପେୟାର ଏବଂ ଆବଶ୍ୟକ ସହାୟତା ପ୍ରଦାନକାରୀ ଯାନ ସହିତ ଆମ୍ଭେ ଏଠାରେ ପହଂଚିଛୁ। ଟିମ୍ ଏହାର ଭଲ ପ୍ରଦର୍ଶନ ଜାରି ରଖିବବୋଲି ଆମ୍ଭର ଆଶା।" ଏସମ୍ପର୍କରେ ଜ୍ୟାକ୍ୱିମ୍ ରୋଡ୍ରିଗ୍ୱିସ(କମ୍ପ୍ ନଂ-୨୭) କହିଲେ, " ଡକାର-୨୦୨୦ ର୍ୟାଲିରେ ମୁଁ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ। ମୋର ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ ଏବଂ ଏଠାରେ ଭଲ ପ୍ରଦର୍ଶନ କରିବାର ପ୍ରୟାସ କରିବି। ଏସମ୍ପର୍କରେ ପାଉଲୋ ଗନକ୍ଲେଭ୍(କମ୍ପ୍ ନଂ-୮) କହିଲେ, " ହିରୋ ମୋଟୋସ୍ପୋର୍ଟସ୍ ପକ୍ଷରୁ ଡକାର-୨୦୨୦ ର୍ୟାଲିରେ ମୁଁ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ। ଏଠାରେ ଭଲ ପ୍ରଦର୍ଶନ କରିବାର ପ୍ରୟାସ କରିବି। ଏହି ଅବସରରେ ସି.ଏସ୍. ସନ୍ତୋଷ(କମ୍ପ୍ ନଂ-୫୦) କହିଲେ, "ଡକାର-୨୦୨୦ ଟିମ୍‌ରେ ଯୋଗଦେଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ର୍ୟାଲିରେ ଭଲ ପ୍ରଦର୍ଶନ ପାଇଁ ମୁଁ ପ୍ରୟାସ ଜାରି ରଖିବି । ଏସମ୍ପର୍କରେ ସେବାଷ୍ଟିଆନ୍ ଭୁଲେର(କମ୍ପ୍ ନଂ-୩୨) କହିଲେ, " ହିରୋ ମୋଟୋସ୍ପୋର୍ଟସ୍ ପକ୍ଷରୁ ଡକାର-୨୦୨୦ ର୍ୟାଲିରେ ମୁଁ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ। ଓରିଏଲ୍ ସୁସ୍ଥ ହୋଇ ନ ଥିବାରୁ ମୁଁ ତାଙ୍କ ସ୍ଥାନରେ ଯୋଗଦେଉଛି। ଏଠାରେ ଭଲ ପ୍ରଦର୍ଶନ କରିବାର ପ୍ରୟାସ କରିବି।

# ଗୃହ ନିର୍ମାଣ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରାଯିବ: ମନ୍ତ୍ରୀ



ଭୁବନେଶ୍ୱର(ପିଏନ୍): ରାଜ୍ୟ ସରକାର ଗୃହ ନିର୍ମାଣ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ସହିତ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କ୍ରେଡାଇ ସଦସ୍ୟମାନଙ୍କ ସହ ଆଲୋଚନା ଅବସରରେ ଏହା କହିଛନ୍ତି। ରାଜ୍ୟରେ ହେଉଥିବା ଗୃହ ଯୋଜନା ସଂକ୍ରାନ୍ତରେ କ୍ରେଡାଇର ଏକ ପ୍ରତିନିଧିମଣ୍ଡଳୀ ଶ୍ରୀ ଜେନାଙ୍କୁ ଭେଟି ଏହାର କାର୍ଯ୍ୟକାରୀକୁ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଉନ୍ନତିଭବନଠାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଜି ମାଥିଭାଥନନ, ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ରେରା ଅଧ୍ୟକ୍ଷ ଅମୀୟ କୁମାର ଚୌଧୁରୀ ଏବଂ ବିଡିଏ ଓ ସିଡିଏର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ସଦସ୍ୟମାନେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ ଆଇନ ରେରା-୨୦୧୬ ଏବଂ ରିଅଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ ଓରେରା ନିୟମ ୨୦୧୭ ଅନୁଯାୟୀ ଗୃହ ନିର୍ମାଣ କ୍ଷେତ୍ରରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ପ୍ରକଳ୍ପ ଲାଗି ଏକକ ବାତାୟନ ବ୍ୟବସ୍ଥା(ସିଙ୍ଗଲ ୱିଣ୍ଡୋ) କରିବା, ଧାର୍ଯ୍ୟ ସମୟ ଅଧିଗ୍ରହଣ ପ୍ରମାଣ ପତ୍ର, ଓଡିଆର୍ ୨୦୧୫ ନିୟମରେ ପରିବର୍ତ୍ତନ, ସର୍ବକ୍ଷମା ଯୋଜନା, ସମସ୍ତ ସହରାଂଚଳ ପାଇଁ ଗୃହ ନିର୍ମାଣ ନୀତି, ପ୍ରକଳ୍ପଗୁଡିକର ଅନୁମୋଦନ, ଓରେରା ଚୁକ୍ତି ଅନୁଯାୟୀ ବିକ୍ରି ବ୍ୟବସ୍ଥା ଆଦିର ପରିବର୍ତ୍ତନ ଓ ସରଳୀକରଣ ଆଦି ସମ୍ପର୍କରେ ମନ୍ତ୍ରୀମାନେ ସଦସ୍ୟମାନଙ୍କ ମତାମତ ଶୁଣିବାପରେ ଶ୍ରୀ ଜେନା କହିଥିଲେ ଯେ, ଉପସ୍ଥାପିତ ହୋଇଥିବା ସମସ୍ୟା ଓ ମତାମତ ଉପରେ ଖୁବ୍‌ଶୀଘ୍ର ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଗୃହ ନିର୍ମାଣ କ୍ଷେତ୍ରରେ ରାଜ୍ୟରେ କିଭଳି ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ ହେବ ସେ ନେଇ ସରକାର ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବେ ବୋଲି ଆଶ୍ୱସନା ଦେଇଥିଲେ।



ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମ୍ୟାଚରେ ଡ୍ୱି ପ୍ରିଟୋରିଅସ ଏକ କ୍ୟାଚ୍ ନେଉଛନ୍ତି

# ମାଇକ୍ରୋଫାଇନାନ୍ସ - କେବଳ ଋଣ ପ୍ରଦାନରେ ସୀମିତ ନୁହେଁ

ଭୁବନେଶ୍ୱର: ଆମ ରାଜ୍ୟ ଓଡ଼ିଶାରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀଗୁଡ଼ିକୁ, ମାଇକ୍ରୋ ଫାଇନାନ୍ସଗୁଡ଼ିକ କୌଣସି ବନ୍ଧକ ବ୍ୟତୀତ ଋଣ ପ୍ରଦାନକରି ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଛନ୍ତି । ରାଜ୍ୟର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଯେଉଁଠାରେ ଲୋକେ ଋଣ ବା କ୍ରେଡିଟର ସୁବିଧା ପାଉନଥିଲେ ଏହା ସେମାନଙ୍କୁ କେବଳ ଉପାର୍ଜନର ସୁଯୋଗ ପ୍ରଦାନ କରିନାହିଁ ସେମାନଙ୍କୁ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଯିବାରେ ସହାୟକ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଋଣଗ୍ରହିତାମାନେ ମନେ ପକାଇଥିଲେ କିପରି ଭାବରେ ଫନିର ତାଣ୍ଡବଲୀଳା ପରେ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ସହାୟତାର ହାତ ବଢ଼ାଇଥିଲେ। ରିଲିଫ୍ ସୁବିଧା ପହଂଚିବା ପୂର୍ବରୁ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ରିଲିଫ୍ ପ୍ରଦାନ କରିଥିଲେ। ଖୋର୍ଦ୍ଧାର ବବିତା ସେନାପତି କହନ୍ତି, 'ମୁଁ ମୋର ସବୁକିଛି ହରାଇଥିଲି ଏବଂ କ'ଣ କରିବି କିଛି ଜାଣିପାରୁନଥିଲି। ସତ୍ୟ ମାଇକ୍ରୋ କ୍ୟାପିଟାଲର୍ ଲୋନ୍ ଅଫିସର, ଯେଉଁଠାରୁ ମୁଁ ଋଣ ନେଇଥିଲି, ମୋତେ ବହୁତ ସାହାଯ୍ୟ କଲେ। ସେ ମୋତେ ଋଣ ପରିଶୋଧ କରିବା ପାଇଁ କହିନଥିଲେ ବରଂ ସେ କିପରି ମୋତେ ସାହାଯ୍ୟ କରିପାରିବେ ପଚାରିଥିଲେ। ଏହା ମୋ ହୃଦୟକୁ ଛୁଇଁଗଲା।' ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟତମ ସବୁଠାରୁ ପୁରୁଣା ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ ଅନ୍ନପୂର୍ଣ୍ଣା। ମାଇକ୍ରୋଫାଇନାନ୍ସର ନିର୍ଦ୍ଦେଶକ, ଦିବ୍ୟଜ୍ୟୋତି ପଟ୍ଟନାୟକ କହିଥିଲେ, 'ଏହି ଋଣଗ୍ରହିତାମାନେ ଗୋଟିଏ ପରିବାର ପରି ହୋଇଗଲାଣି ଏବଂ ସେମାନଙ୍କ ମଧ୍ୟରେ ଭରସାର ବନ୍ଧନ ସୃଷ୍ଟି ହୋଇଛି। ଆଉ ଅସୁବିଧା ସମୟରେ ଆମେ ସେମାନଙ୍କୁ ସାହାଯ୍ୟ କରିବା ସାଧାରଣ କଥା। ଆମେ ବୁଝିଛୁ ଯେ ସେମାନେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଘରଦ୍ୱାର, ଧନସମ୍ପତି ହରାଇଛନ୍ତି ଏବଂ ଗଭୀର ଦୁଃଖ ମଧ୍ୟରେ ଗତି କରୁଛନ୍ତି। ସେହି ସମୟରେ ଋଣ ପରିଶୋଧ କରିବା ପାଇଁ ଚାପ ପକାଇବା ସେହି ଦୁଃଖକୁ ବଢ଼ାଇଦେବ।' ଝାମି ଖଣ୍ଡି, ବାୟା ଫିନସର୍ଭର ଋଣଗ୍ରହିତା, ଯେ କି ପୁରୀର ବାସିନ୍ଦା, ପୁରୀରେ ଫନିର ଭୟଙ୍କର ପ୍ରଭାବ ପଡ଼ିଥିଲା, ସେ ମନେପକାନ୍ତି, 'ମୁଁ ପାନ ପତ୍ର ବ୍ୟବସାୟ ପାଇଁ ୧୮,୦୦୦ ଟଙ୍କା ଋଣ ନେଇଥିଲି କିନ୍ତୁ ଫନି ଯୋଗୁଁ ଗୁରୁତର ପ୍ରଭାବ ପଡ଼ିଲା। କିନ୍ତୁ ବାୟା ଫିନସର୍ଭ ଆମକୁ ସାହାଯ୍ୟ କଲା। ବାତ୍ୟା ପରେ ତୁରନ୍ତ ଆମକୁ ଖାଦ୍ୟ, ବିସ୍କୁଟ୍ ଓ ପାଣି ପ୍ରଦାନ କରିଥିଲେ। ଏହାସହିତ ଆମକୁ ଶାଢ଼ି ଓ ଲୁଙ୍ଗି ମଧ୍ୟ ଦେଇଥିଲେ। ଖାଲି ସେତିକି ନୁହେଁ ବାୟା ଫିନସର୍ଭ ମଧ୍ୟ ମୋତେ ଆଉ ଗୋଟିଏ ଋଣ ଦେଇଥିଲେ ଯାହାକି ମୋ ପାନ ବ୍ୟବସାୟ ପୁଣି ଆରମ୍ଭ କରିବାରେ ସହାୟକ ହୋଇଥିଲା। ମୁଁ ସେମାନଙ୍କର ତୁରନ୍ତ ସହାୟତା ପାଇଁ ମଧ୍ୟ କୃତଜ୍ଞ।'

# ନୂଆ ବଜାଜ ଆଲିଆ ଲାଇଫ ସ୍ମାର୍ଟ ପ୍ରୋଟେକ୍ଟ ଗୋଲର ଶୁଭାରମ୍ଭ

ପୁନେ : ଦେଶର ଅନ୍ୟତମ ଅଗ୍ରଣୀ ଘରୋଇ ବୀମା କଂପାନୀ ବଜାଜ ଆଲିଆ ଲାଇଫ ଗ୍ରାହକଙ୍କ ଅର୍ଥର ପ୍ରକୃତ ମୂଲ୍ୟ ଦେବା ପରି ବଜାଜ ଆଲିଆ ଲାଇଫ ସ୍ମାର୍ଟ ପ୍ରୋଟେକ୍ଟ ଗୋଲ ନାମକ ନୂତନ ପୂର୍ଣ୍ଣାଙ୍ଗ ଟର୍ମ ପ୍ଲାନର ଶୁଭାରମ୍ଭ କରିଛି । ଏଥିରେ ଗ୍ରାହକଙ୍କ ପାଇଁ ଅନେକ ପ୍ରକାର ସୁବିଧାସୁଯୋଗ ରହିଛି । ଏହି ପ୍ଲାନଟି ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯଦ୍ୱାରା ଗ୍ରାହକଙ୍କୁ ଦେୟ ପ୍ରଦାନ ପାଇଁ ସୁବିଧା ହେବ । ଫଳରେ ସେମାନେ ଏହି ପ୍ଲାନ ପ୍ରତି ଆକର୍ଷିତ ହେବେ । ଏହା ଭାରତର ପ୍ରାଥମିକ ଆବଶ୍ୟକତାକୁ ପୂରଣ କରିପାରିବ । ଜୀବନ ବୀମା କ୍ଷେତ୍ରରେ ଗ୍ରାହକଙ୍କୁ ମୂଲ୍ୟଭିତ୍ତିକ ଉତ୍ପାଦ ଯୋଗାଇ ଦେବା ପାଇଁ ଗତ ୨ ବର୍ଷ ହେଲା କଂପାନୀ ଦୃଷ୍ଟି ନିବଦ୍ଧ କରିଛି । ନୂତନ ବୈପ୍ଳବିକ ଉତ୍ପାଦ ୟୁଲିପ, ପିଓଏସ୍ ଓ ଗୁରୁତର ଅସୁସ୍ଥତା ପାଇଁ ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିବା ପରେ କଂପାନୀ ଏବେ ଅର୍ଥର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ଟର୍ମ ପ୍ଲାନ ଆଣିଛି । ଦୈନିକ ୧୩ ଟଙ୍କା ପ୍ରଦାନ କରି ଗ୍ରାହକ ଏଥିରୁ ଉପକୃତ ହୋଇପାରିବେ । ଏହି ଅବସରରେ ବଜାଜ ଆଲିଆ ଲାଇଫର ଏମଡ଼ି ତଥା ସିଇଓ ତରୁଣ ଚୁଗ୍ କହିଛନ୍ତି ଯେ, ଜୀବନର ଲକ୍ଷ୍ୟ ପାଇଁ ଆମର ଯେଉଁ ଦର୍ଶନ ରହିଛି ତାହାହିଁ ଆମକୁ ବ୍ୟବସାୟ କୌଶଳ ପାଇଁ ମାର୍ଗଦର୍ଶନ ପ୍ରଦାନ କରୁଛି । ଏକ ସୁଲଭ ତଥା ଦକ୍ଷ ଉତ୍ପାଦ ନିଜର ଆର୍ଥିକ ଲକ୍ଷ୍ୟ ହାସଲ ପାଇଁ ଗ୍ରାହକ ସର୍ବଦା ଚାହିଁଥାନ୍ତି । ନୂଆ ଉତ୍ପାଦ ଏଦିଗରେ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି । ପ୍ରଥମ ଥର ପାଇଁ ଏହି ଟର୍ମ ପ୍ଲାନରେ ସନ୍ତାନଙ୍କ ଶିକ୍ଷାକୁ ଅତିରିକ୍ତ ଭାବେ ଅ'ର୍ଭୁକ୍ତ କରାଯାଇଛି । ୫୫ଟି ଗୁରୁତର ରୋଗ ପାଇଁ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ। ୯୯ ବର୍ଷ ବୟସ ପର୍ଯ୍ୟନ୍ତ ଲାଇଫ କଭର ସହ ପିଲାଙ୍କୁ ଏଥିରେ ଅ'ର୍ଭୁକ୍ତ ପାଇଁ ପଦକ୍ଷେପ ନିଆଯାଇଛି । ଏଥିରେ ୧ କୋଟି ଟଙ୍କା ପର୍ଯ୍ୟ' ଲାଇଫ କଭର ରହିଛି ।

# ଭାରତର ବହୁ ବାଂଛିତ ଅଟୋମୋବାଇଲ ପୁରସ୍କାର ଆଇସିଓଟିୱାଇ ଓ ଆଇଏମଓଟିୱାଇ ୨୦୨୦ ଅଟୋ ଉଦ୍ୟୋଗ ଅଭିନବତ୍ୱ



ଭୁବନେଶ୍ୱର : ଜେକେ ଟାୟାର ଆଜି ୧୫ତମ ଇଣ୍ଡିୟାନ କାର ଅଫ ଦ ଇୟର (ଆଇସିଓଟିୱାଇ), ୧୩ ତମ ଇଣ୍ଡିୟାନ ମଟରସାଇକେଲ ଅଫ ଦ ଇୟର (ଆଇଏମଓଟିୱାଇ) ଏବଂ ଆଇସିଓଟିୱାଇ ଦ୍ୱାରା ୨ୟ ପ୍ରିମିୟମ କାର ଆୱାର୍ଡ ୨୦୨୦- ଭାରତୀୟ ଅଟୋମୋଟିଭ ଉଦ୍ୟୋଗର ସର୍ବାଧିକ ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି । ଉଦ୍ୟୋଗ ଦୂରଦର୍ଶୀ, ଶୀର୍ଷ କାର୍ଯ୍ୟକାରୀ ଏବଂ ଅଟୋ ଉତ୍ସାହୀ ମାନଙ୍କ ଉପସ୍ଥିତିରେ ସର୍ବୋତମ ଅଟୋ ପ୍ରଦର୍ଶନ ମାନକ ଦର୍ଶାଉଥିବା ଏସମସ୍ତ ପ୍ରତିଷ୍ଠିତ ପୁରସ୍କାରର ବିଜେତାଙ୍କୁ ପୁରସ୍କୃତ କରାଯିବ ।ଏହାର ଦେଶ ବ୍ୟାପୀ ଲୋକପ୍ରିୟତା ପ୍ରତିଫଳିତ କରୁଥିବା ହିଣ୍ଡାଇ ଭେନ୍ୟୁ ଇଣ୍ଡିୟାନ କାର ଅଫ ଦ ଇୟର ୨୦୨୦ ବିବେଚିତ ହୋଇଥିବା ବେଳେ ବାଇକ ପ୍ରୋମୀମାନଙ୍କ ପସନ୍ଦିତ ହିରୋ ଏକ୍ସପଲ୍ସ ୨୦୦କୁ ଇଣ୍ଡିୟାନ ବାଇକ ଅଫ ଦ ଇୟର ୨୦୨୦ ପୁରସ୍କାର ଦିଆଯାଇଥିଲା । ଆଇସିଓଟିୱାଇ ପ୍ଲାଟଫର୍ମରେ ଦିତୀୟ ବର୍ଷ ପାଇଁ ଚିହ୍ନଟ କରୁଥିବା ଆଇସିଓଟିୱାଇ ଦ୍ୱାରା ପ୍ରିମିୟମ କାର ଆୱାର୍ଡ ବିଏମଡବ୍ଲ୍ୟୁ ୩-ସିରିଜ ହାତେଇ ନେଇଛି । ମିଷ୍ଟର ଯୋଗେନ୍ଦ୍ର ପ୍ରତାପ, ଅଧ୍ୟକ୍ଷ , ଆଇସିଓଟିୱାଇ ୨୦୨୦ ଏବଂ ମିଷ୍ଟର ଆସ୍ୱି ଭଥେନା, ଅଧ୍ୟକ୍ଷ, ଆଇଏମଓଟିୱାଇ ୨୦୨୦ ସହିତ ଡ. ରଘୁପତି ସିଙ୍ଘାଣିଆ, ଅଧ୍ୟକ୍ଷ ଓ ମ୍ୟାନେଜିଙ୍ଗ ନିର୍ଦ୍ଦେଶକ, ଜେକେ ଟାୟାର ଓ ଇଣ୍ଡଷ୍ଟ୍ରି ଲିମିଟେଡ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଟିପ୍ପଣୀ କରିବାକୁ ଯାଇ ଡ. ରଘୁପତି ସିଙ୍ଘାଣିଆ କହିଲେ, 'ଅଟୋ ଉଦ୍ୟୋଗ ପାଇଁ ଆଜିର ରାତି ସର୍ବାଧିକ ରୋମାଂଚକର ରାତି ଅଟେ ଏବଂ ପ୍ରକୃତ ଅର୍ଥରେ ଏହା ରୋମାଂଚକର ଅଟେ । ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାରର ଆରମ୍ଭ ହେବାଠୁ ସେଗୁଡିକୁ ସମର୍ଥନ କରି ଆସୁଥିବାରୁ ଆମେ ଜେକେ ଟାୟାର ରେ ଗର୍ବିତ ଅନୁଭବ କରୁଛୁ । ଅଟୋ ନିର୍ମାଣ କାରି କ୍ଷିପ୍ର ଗତିରେ ଆଗକୁ ବଢୁଥିବା ଏବଂ ଶିଘ୍ର ଅଭିନବତ୍ୱ ଆଣୁଥିବା ଯୋଗୁଁ ଏହି ବର୍ଷ ଅନେକ ଶକ୍ତିଶାଳୀ ପ୍ରତିଯୋଗୀ ତାଲିକାଭୁକ୍ତ ହୋଇଛନ୍ତି ଯାହା ବିଜେତା ନିର୍ଣ୍ଣୟ କରିବାରେ ଜୁରିମାନଙ୍କ କାର୍ଯ୍ୟ ସେତିକି ଅଧିକ କଷ୍ଟସାଧ୍ୟ କରିଦେଇଛି । କଡା ପ୍ରତିଯୋଗୀତା ସତ୍ୱେ ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କର ନିଜ ହିସାବରେ ଜଣେ ଜଣେ ବିଜେତା ଅଟନ୍ତି । ଅନନ୍ୟ ଶୈଳୀ ପ୍ରଦ୍ୟୋଗିକି ଅଣ ଅଭିନବତ୍ୱ ସେମାନଙ୍କର ଯାନରେ ଶୀର୍ଷରେ ପହଂଚିଥିବା ଆଜି ରାତିର ବିଜେତା ମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ସମାନ ଆଗ୍ରହ ରାସ୍ତାରେ ପ୍ରତିଫଳିତ ହେବା ଦେଖିବା ଏକ ପରମ ଆନନ୍ଦର କଥା । ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାର ପ୍ରତି ଜେକେ ଟାୟାର ର ସମର୍ଥନ ସେହି ସର୍ବୋତ୍କୃଷ୍ଟତା ପାଇଁ ଏକ ପ୍ରମାଣ ଏବଂ ଏହି ଉଲ୍ଲେଖନୀୟ ଯାତ୍ରାର ଅଂଶବିଶେଷ ହେବା ଅଦ୍ଭୁତ ଅଟେ ।'ପ୍ରତି ବର୍ଷ ଭାରତର ଶୀର୍ଷ ଅଟୋମୋବାଇଲ ପ୍ରକାଶନରୁ ଅଟୋ ବିଶେଷଜ୍ଞ ମାନଙ୍କର ଏକ ପେନଲ ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ପୁରସ୍କାର ନିର୍ଣ୍ଣୟ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥାନ୍ତି । ପୂରା ବର୍ଷ ଦେଖିଥିବା ମାତ୍ରାଧିକ ନୂତନ ଲଂଚରୁ ଏହି ବର୍ଷ ଦେଖିଥିବା ମାତ୍ରାଧିକ ନୂତନ ଲଂଚରୁ ଏହି ବର୍ଷର ପୁରସ୍କାର ଆମକୁ ସର୍ବୋତମ କାର ଏବଂ ମଟରସାଇକେଲ ଦେଇଛି । ଯଥାକ୍ରମେ ୨୦୦୫ ଏବଂ ୨୦୦୭ ରେ ଆରମ୍ଭ ହୋଇଥିବା ଆଇସିଓଟିୱାଇ ଏବଂ ଆଇଏମଓଟିୱାଇ ଭାରତୀୟ ଅଟୋମୋବାଇଲ ଉଦ୍ୟୋଗରେ ସର୍ବାଧିକ ସମ୍ମାନଜନକ ପୁରସ୍କାର ଅଟେ ।

# ରିଅଲ୍‌ମିର ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ଏବଂ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଆଜି ଏହାର ନୂତନ ଶକ୍ତିଶାଳୀ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ୨ ଲଞ୍ଚ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ପାଇଁ ନିଜର ନୂତନ ସର୍ବୋତ୍ତମ ୱାୟାରଲେସ୍ ଇୟରଫୋନ୍ ରିଅଲ୍‌ମି ବଡ୍‌ସ ଏୟାର ସହ ନିଜ ଆକ୍‌ସେସରି ପୋର୍ଟଫୋଲିଓକୁ ବିସ୍ତାର କରିଛି। ଯୁବପୀଢ଼ୀଙ୍କ ଜୀବନଶୈଳୀକୁ ଉନ୍ନତ କରୁଥିବା ମଜବୁତ ଉତ୍ପାଦ ଡେଲିଭରି କରିବାର ଲକ୍ଷ୍ୟ ସହ ବ୍ରାଣ୍ଡକୁ ପ୍ରମୁଖ ଟେକ୍ ଲାଇଫ୍‌ଷ୍ଟାଇଲ ବ୍ରାଣ୍ଡରେ ପରିଣତ କରିବା ପାଇଁ ଏହି ଉତ୍ପାଦଗୁଡିକ ହେଉଛି ପ୍ରମାଣପତ୍ର ସଦୃଶ। ବ୍ରାଣ୍ଡର ବିଚାରଧାରା 'ଡେୟାର ଟୁ ଲିପ୍'କୁ ପାଳନ କରି ରିଅଲ୍‌ମି ବଡ୍‌ସ ଏୟାର ବାସ୍ତବରେ ୱାୟାରଲେସ୍‌ର ହେବାର ଧାରଣାକୁ ଆଗକୁ ବଢାଉଛି। ରିଅଲ୍‌ମି ବଡ୍‌ସ ଏୟାରରେ ସୁପର୍ ଲୋପ ଲାଟେନ୍ସି କଷ୍ଟମ ଆରୱାନ୍ ଚିପ୍ ଓ ବ୍ଲୁଟୁଥ୍ ୫.୦ ରହିଛି ଯାହା ଏହାକୁ ସ୍ମାର୍ଟଫୋନ୍ ଓ ଇୟରବଡ୍‌ସ ମଧ୍ୟରେ ତ୍ୱରିତ ଓ ସ୍ଥାୟୀ ସଂଯୋଗ ସ୍ଥାପନ କରିବାରେ ସହଯୋଗ କରିଥାଏ। ଏଥିରେ ୧୨ ଏମ୍‌ଏମ୍ ଡାଇନାମିକ୍ ବାସ୍ ବୁଷ୍ଟ ଡ୍ରାଇଭର, ୧୭ ଘଣ୍ଟାର ମ୍ୟୁଜିକ୍ ପ୍ଲେବ୍ୟାକ୍, ଆକ୍‌ସେସିବୁଲ ସ୍ମାର୍ଟ କଣ୍ଟ୍ରୋଲ, ଏନ୍‌ଭାୟରନ୍‌ମେଣ୍ଟ ନଏଜ୍ କ୍ୟାନ୍‌ସେଲେସନ୍ ଭଳି ସୁବିଧା ରହିଛି। ଏହାର ବଜାର ମୂଲ୍ୟ ୩୯୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସହ କ୍ଲାସିକ୍ ରିଅଲ୍‌ମି କଲର ୟେଲୋରେ ଉପଲବ୍ଧ ହେଉଛି। ଏହି ୱାୟାରଲେସ୍ ଇୟରବଡ୍‌ସ ପାଇଁ ଅପେକ୍ଷା କରିପାରୁନଥିବା ଗ୍ରାହକଙ୍କ ପାଇଁ ରିଅଲ୍‌ମି ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଆଜି ଦ୍ୱିପହର ୨ଟାରୁ 'ହେଡ୍ ଟୁ ହେଡ୍' ସେଲ୍‌ଆରମ୍ଭ କରିଛି। ରିଅଲ୍‌ମି ବଡ୍‌ସ ଏୟାର୍‌ର ପରବର୍ତ୍ତୀ ସେଲ୍ ଆସ'। ୨୩ ଡିସେମ୍ବର ଦିନ ୧୨ଟାରୁ ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଏବଂ ଖୁବ୍‌ଶୀଘ୍ର ଅଫ୍‌ଲାଇନ୍ ଷ୍ଟୋରଗୁଡ଼ିକରେ ଅରମ୍ଭ ହେବ। ରିଅଲ୍‌ମି ଏକ୍ସଟିର ଏକ ଅପଗ୍ରେଡ୍ ଏବଂ ନୂଆ ରିଅଲ୍‌ମି ଏକ୍ସ୨ ୨.୨ ଜିଏଚ୍‌ଜେଡ୍ ସିପ୍ପି ସହ ୮ଏନ୍‌ଏମ୍ କ୍ରିୟୋ ଅକ୍ଟାକୋର୍ ସ୍ନାପଡ୍ରାଗନ୍ ୭୩୦ଜି ଦ୍ୱାରା ପରିଚାଳିତ।

# ଜାଗୁଆର ଲ୍ୟାଣ୍ଡ ରୋଭର ପକ୍ଷରୁ ଲ୍ୟାଣ୍ଡ ରୋଭର ଥର୍ ଏକ୍ସପେରିଏନ୍ସ

ଭୁବନେଶ୍ୱର : ଜାଗୁଆର ଲ୍ୟାଣ୍ଡ ରୋଭର ଇଣ୍ଡିଆ ପକ୍ଷରୁ ଏହାର ପ୍ରଶଂସକ ଏବଂ ଗ୍ରାହକମାନଙ୍କ ପାଇଁ ଲ୍ୟାଣ୍ଡ୍ ରୋଭର ଥର୍ ଏକ୍ସପେରିଏନ୍ସ ସମ୍ପନ୍ନ ହୋଇଛି। ଏହି ଯୋଜନା ଅନ୍ତର୍ଗତ ୨୦୧୯ ଫେବୃୟାରୀ ରେ ଡିବ୍ରୁଗଡ଼ ଠାରୁ ଗୌହାଟି ପର୍ଯ୍ୟ' ବ୍ରହ୍ମପୁତ୍ର ଏକ୍ସପେରିଏନ୍ସ ହୋଇଥିବାବେଳେ ନାଗପୁରଠାରୁ କାହ୍ନା ଏବଂ ନାଗପୁର ଜଙ୍ଗଲ ଏକ୍ସପେରିଏନ୍ସ ତଥା ଶିମଳା ଠାରୁ ଲେହ ପର୍ଯ୍ୟ' ହିମାଳୟାନ୍ ଏକ୍ସପେରିଏନ୍ସ ସମ୍ପନ୍ନ ହୋଇଥିଲା। ଏସବୁ ଯାତ୍ରା ବେଶ୍ ଲୋକପ୍ରିୟ ହୋଇପାରିଥିଲା ।ଲ୍ୟାଣ୍ଡ୍ ରୋଭର ଥର୍ ଏକ୍ସପେରିଏନ୍ସ ଡିସେମ୍ବର ୧୪ରେ ଜୟପୁରଠାରୁ ଆରମ୍ଭ ହୋଇ ଡିସେମ୍ବର ୧୯ରେ ଉଦୟପୁର ଠାରେ ଶେଷ ହୋଇଛି। ଏହି ୫ ରାତି ୬ ଦିନ ଯାତ୍ରାରେ ଗ୍ରାହକମାନେ ଜୋହରି ବଜାର, ହାୱାମହଲ, ସମ୍ବର ସଲ୍ଟ ଲେକ୍ ଆଦି ଦେଖିବାର ସୁଯୋଗ ଲାଭ କରିଛନ୍ତି। ଏହା ସହିତ ଇନଲ୍ୟାଣ୍ଡ୍ ସଲ୍ଟ ଲେକ୍, ତାଲ ଚପର ଅଭୟାରଣ୍ୟ, ଇଣ୍ଡିଆନ୍ ଗେଜେଲ୍, ବିକନାର୍, ଲାଲଗଡ଼ ପ୍ୟାଲେସ୍, ବର୍ଡର ରୋଡ୍, ଇନ୍ଦିରା ଗାନ୍ଧୀ କେନାଲ, ସ୍ୟାଣ୍ଡ୍ ଡ୍ୟୁନ୍, ସୂର୍ଯ୍ୟଗଡ଼,ଜୟସେଲମର, ସାମ୍ ଡ୍ୟୁନ୍, ଖିମସାର୍, ପୋଖରନ୍, ଖିଜନ ପକ୍ଷୀ ଅଭୟାରଣ୍ୟ, ଖିସାର୍ ଦୁର୍ଗ ଆଦି ୧୩୦୦ରୁ ଅଧିକ କିମି ଯାତ୍ରା କରି ଉଦୟପୁର ର ଡେଜର୍ଟ ସଫାରୀ ସହିତ ଲକ୍ଷ୍ମୀ ବିଳାସ ପ୍ୟାଲେସ୍‌ରେ ରହିବାର ଅବସର ପାଇଥିଲେ। ଜାନୁୟାରୀ ଫେବୃୟାରୀରେ ଲ୍ୟାଣ୍ଡ୍ ରୋଭର ପକ୍ଷରୁ ସୁଇଡେନ୍‌ର ଅରଜେପ୍ଲଗ୍ ଠାରେ ଆଇସ୍ ଡ୍ରାଇଭ୍ ଏକ୍ସପେରିଏନ୍ସ ସମ୍ପନ୍ନ ହେବ। ଏହି ଅବସରରେ ଜାଗୁଆର ଲ୍ୟାଣ୍ଡ ରୋଭର ଇଣ୍ଡିଆ ଲିଃ.ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ରୋହିତ ସୁରୀ କହିଲେ, ' ଲ୍ୟାଣ୍ଡ୍ ରୋଭର ଥର୍ ଏକ୍ସପେରିଏନ୍ସ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିଛି। କମ୍ପାନୀ ସବୁବେଳେ ଗ୍ରାହକଙ୍କୁ ନୂତନ ଅଭିଜ୍ଞତା ପ୍ରଦାନ ପାଇଁ କାର୍ଯ୍ୟ କରିଥାଏ। ଏବେ ସୁଇଡେନ୍‌ରେ ଲ୍ୟାଣ୍ଡ୍ ରୋଭର ଆଇସ୍ ଡ୍ରାଇଭ୍ ଏକ୍ସପେରିଏନ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବାର ଆଶା ରହିଛି। ଭାରତରେ ଉପଲବ୍ଧ ହେଉଥିବା ଜାଗୁଆର ରେ୍ ମଧ୍ୟରେ ଏକ୍ସଇର ମୂଲ୍ୟ ୪୪.୯୮ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଏକ୍ସଏଫ୍‌ର ମୂଲ୍ୟ ୪୯.୭୮ ଲକ୍ଷରୁ ଆରମ୍ଭ ହେଉଛି। ସେହିପରି ଏଫ୍-ପେସ୍‌ର ମୂଲ୍ୟ ୬୩.୭୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏକ୍ସଜେର ମୂଲ୍ୟ ୧୧୧.୩୦ ଲକ୍ଷ ଟଙ୍କା, ଏଫ୍-ଟାଇପ୍ ମୂଲ୍ୟ ୯୦.୯୩ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଭାରତରେ ଉପଲବ୍ଧ ହେଉଥିବା ଲ୍ୟାଣ୍ଡ୍ ରୋଭର ରେ୍ ମଧ୍ୟରେ ଡିସକଭର ସ୍ପୋର୍ଟସର ମୂଲ୍ୟ ୪୪.୬୮ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ରେ ରୋଭର ଇଭାକ୍ୟୁର ମୂଲ୍ୟ ୫୨.୦୬ ଲକ୍ଷରୁ ଆରମ୍ଭ ହେଉଛି। ସେହିପରି ରେ୍ ରୋଭର ଭେଲାର ମୂଲ୍ୟ ୭୧.୮୬ ଲକ୍ଷ ଟଙ୍କା ଏବଂ ଡିସକଭର ମୂଲ୍ୟ ୭୫.୧୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ରେ୍ ରୋଭର ସ୍ପୋର୍ଟସ୍ ମୂଲ୍ୟ ୮୬.୭୧ ଲକ୍ଷ ଟଙ୍କା ଏବଂ ରେ ରୋଭର ମୂଲ୍ୟ ୧୮୧.୮୬ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଜାଗୁଆର ଲ୍ୟାଣ୍ଡ ରୋଭର ଯାନ ଗୁଡିକ ଅହମ୍ମଦାବାଦ୍, ଔରଙ୍ଗାବାଦ୍, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ଗୁରୁଗାଓଁ, ହାଇଦ୍ରାବାଦ୍, ଇନ୍ଦୋର, ଜୟପୁର, କୋଲକତା, କୋଚି, କର୍ନାଲ, ଲକ୍ଷ୍ନୌ, ଲୁଧିଆନା, ମାଙ୍ଗାଲୋର୍, ମୁମ୍ବାଇ, ନାଗପୁର, ନୋଏଡା, ପୁନେ, ରାଏପୁର, ବିଜୟୱାଡା, ସୁରାଟ ଆଦି ୨୬ଟି ସ୍ୱୀକୃତି ପ୍ରାପ୍ତ ଆଉଟଲେଟ୍‌ରେ ଉପଲବ୍ଧ ହେଉଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray